52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ ାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 285 | Brahmapur | Friday 27 November 2026 | ବର୍ଷ: ୪୫/ ଅଙ୍କ: ୨୮୫ | ଶୁକ୍ରବାର ୨୭ ନଭେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

କଡ଼ା ସୁରକ୍ଷା ଓ ସିସିଟିଭି ନଜରରେ ରତ୍ନଭଣ୍ଡାର ଗଣତି

ସୁନା, ରୁପା ଅଳଙ୍କାରର ୩ଡି ମ୍ୟାପିଂ ସହ ଯାଞ୍ଚ

ଗଣତି ସମୟରେ ଭିତର କାଠ ଦର୍ଶନ ବନ୍ଦ
ବାହାର କାଠ ନିକଟରୁ ଦର୍ଶନ ସୁଯୋଗ



ପୁରୀ, ୨୭।୧୧ : ଶ୍ରୀମନ୍ଦିରର ବହୁ ପ୍ରତୀକ୍ଷିତ ରତ୍ନଭଣ୍ଡାର ଗଣତି ଓ ଅଳଙ୍କାର ଯାଞ୍ଚ ପ୍ରକ୍ରିୟା ପୁଣି ଆରମ୍ଭ ହୋଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି କ୍ୟାମେରାର ନଜରରେ ଏହି ସମ୍ବେଦନଶୀଳ କାର୍ଯ୍ୟ ଆଗକୁ ବଢ଼ୁଛି। ମହାପ୍ରଭୁଙ୍କ ବହୁମୂଲ୍ୟ ସୁନା, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ଦୁର୍ଲଭ ସାମଗ୍ରୀର ସଠିକ୍ ହିସାବ ରଖିବା ସହ ସେଗୁଡ଼ିକର ସ୍ଥିତି ଯାଞ୍ଚ କରିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ।

ରତ୍ନଭଣ୍ଡାର ଗଣତି ପାଇଁ ଗଠିତ ସ୍ୱତନ୍ତ୍ର ଗଣତିକାରୀ ଦଳ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଏହି କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଛି। ଏହି ଦଳ ସହ ରତ୍ନଭଣ୍ଡାର ଗଣତି କମିଟିର ଅଧ୍ୟକ୍ଷ, ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହିଛନ୍ତି। ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଗଣତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ରତ୍ନଭଣ୍ଡାର ଭିତରେ ରହିଥିବା ପ୍ରତ୍ୟେକ ମୂଲ୍ୟବାନ ଅଳଙ୍କାର ଓ ସାମଗ୍ରୀର ହିସାବକୁ ସ୍ୱଚ୍ଛ ଓ ନିର୍ଭୁଲ ରଖିବା ପାଇଁ ଆଧୁନିକ ପଦ୍ଧତି ଅବଲମ୍ବନ କରାଯାଉଛି। ସମଗ୍ର ଗଣତି ଓ ଯାଞ୍ଚ ପ୍ରକ୍ରିୟାକୁ ସିସିଟିଭି କ୍ୟାମେରା ମାଧ୍ୟମରେ ନିରୀକ୍ଷଣ କରାଯାଉଥିବା ବେଳେ ଅଳଙ୍କାରଗୁଡ଼ିକର ୩ଡି ମ୍ୟାପିଂ ମଧ୍ୟ କରାଯାଉଛି। ଏହାଦ୍ୱାରା ଅଳଙ୍କାରର ଆକୃତି, ଗଠନ ଓ ଅନ୍ୟାନ୍ୟ ବିବରଣୀର ଡିଜିଟାଲ ରେକର୍ଡ ସଂରକ୍ଷିତ ରଖାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଓ ଦୈନନ୍ଦିନ ନୀତିକାନ୍ତିର ସଂଖ୍ୟା ବୃଦ୍ଧି ଯୋଗୁଁ ରତ୍ନଭଣ୍ଡାର ଗଣତି ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ଶ୍ରୀମନ୍ଦିରର ନିୟମିତ ନୀତିକାନ୍ତିରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। କାର୍ତ୍ତିକ ମାସ ଶେଷ ହେବା ପରେ ପୁଣି ଗଣତି କାର୍ଯ୍ୟକୁ ଗତିଶୀଳ କରାଯାଇଛି। ରତ୍ନଭଣ୍ଡାର ଗଣତି ସମୟରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ମଧ୍ୟ ଅସ୍ଥାୟୀ ପରିବର୍ତ୍ତନ କରିଛି ଶ୍ରୀମନ୍ଦିର ପ୍ରଶାସନ। ଗଣତି କାର୍ଯ୍ୟ ଚାଲିଥିବା ସମୟରେ ଭିତର କାଠ ନିକଟରୁ ଦର୍ଶନକୁ ସାମୟିକ ଭାବେ ବନ୍ଦ ରଖାଯାଇଛି।

ତେବେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ଶନ କରିପାରିବେ। ରତ୍ନଭଣ୍ଡାର ଗଣତି ଭଳି ଏକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ସହ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ଯଥାସମ୍ଭବ ସ୍ୱାଭାବିକ ରଖିବାକୁ ପ୍ରଶାସନ ଉଦ୍ୟମ କରୁଛି। ମହାପ୍ରଭୁଙ୍କ ଅମୂଲ୍ୟ ସମ୍ପତ୍ତିର ସୁରକ୍ଷା, ସଠିକ୍ ହିସାବ ଓ ସ୍ୱଚ୍ଛତା ଦୃଷ୍ଟିରୁ ଏହି ଗଣତି ପ୍ରକ୍ରିୟାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନିଆଯାଉଛି।

ଓଡ଼ିଶାର ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଟଙ୍କାକୁ ବୃଦ୍ଧି

୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ

୩୬ଟି ପ୍ରମୁଖ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ
କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶକୁ ମିଳିବ ପ୍ରାଥମିକତା

ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର, ୨୭।୧୧ : ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ରାଜ୍ୟ ସରକାର ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୪୭ ସୁଦ୍ଧା ଓଡ଼ିଶାକୁ ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହା ପୂର୍ବରୁ ୨୦୩୬ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଏଥିପାଇଁ ଏକ ବିସ୍ତୃତ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଥିବା ସହ ଏହାର କାର୍ଯ୍ୟକାରିତା ଆରମ୍ଭ ହୋଇଛି। ରାଜ୍ୟର ମୁଣ୍ଡପିଛା ଆୟରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ମୁଣ୍ଡପିଛା ଆୟ ୧ ଲକ୍ଷ ୮୬ ହଜାର ୭୬୧ ଟଙ୍କାରେ ପହଞ୍ଚିଛି। ଚଳିତ ମୂଲ୍ୟ ଆଧାରରେ ଏହି ଆୟ ହିସାବ କରାଯାଇଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଓ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଦିଗରେ ସରକାରଙ୍କ ପଦକ୍ଷେପର ଏହା ଏକ ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ବିଧାନସଭାରେ ବିଧାୟକ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ମୁଣ୍ଡପିଛା ଆୟ ଓ ଦୀର୍ଘମିଆଦୀ ଅର୍ଥନୈତିକ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ଅଭିବୃଦ୍ଧି ହାରକୁ ବଢ଼ାଇବା ପାଇଁ ସରକାର ବିଭିନ୍ନ କ୍ଷେତ୍ରରେ ଯୋଜନାବଦ୍ଧ ପଦକ୍ଷେପ ନେଉଥିବା ସେ କହିଥିଲେ।



ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ଶତବାର୍ଷିକୀ ପାଳନ କରିବ। ଏହି ଐତିହାସିକ ବର୍ଷ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟ ହାସଲ ପାଇଁ କେବଳ ଶିଳ୍ପ ଓ ଭିତ୍ତିଭୂମି ବିକାଶ ନୁହେଁ, ବରଂ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଓ ସାମାଜିକ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଉପଲବ୍ଧ ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଓ ଭୌଗୋଳିକ ଅବସ୍ଥିତିକୁ ଉପଯୋଗ କରି ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ଗତିଶୀଳ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିସହ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ବେଳକୁ ଓଡ଼ିଶାକୁ ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ରାଜ୍ୟ ସରକାରଙ୍କ ଦ୍ୱିତୀୟ ବଡ଼ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ଦୀର୍ଘମିଆଦୀ ଯୋଜନା ସହ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ, ଉତ୍ପାଦନ ବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଅର୍ଥନୀତିକୁ ଏହି ସ୍ତରରେ ପହଞ୍ଚାଇବା ପାଇଁ ଶିଳ୍ପାୟନ, ଆଧୁନିକ କୃଷି, ବନ୍ଦରଭିତ୍ତିକ ବିକାଶ, ପରିବହନ ଓ ଭିତ୍ତିଭୂମିର ଉନ୍ନତି ଗୁରୁତ୍ୱପୂର୍ଣ୍ଣ ହେବ। ଏଥିସହ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ରାଜ୍ୟର ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟକୁ ସାକାର କରିବା ପାଇଁ ଭିଜନ୍ ଡକ୍ୟୁମେଣ୍ଟରେ ୩୬ଟି ପ୍ରମୁଖ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ଥାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶକୁ ଏକ ନୂଆ ଦିଗ ଦେବା ପାଇଁ ପ୍ରସ୍ତୁତ କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଉନ୍ନତି, ଶିକ୍ଷାର ଗୁଣାତ୍ମକ ବିକାଶ, ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ, ପରିବହନ ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି, ଶିଳ୍ପ ଓ ଭିତ୍ତିଭୂମି ବିକାଶ, ବନ୍ଦରଭିତ୍ତିକ ଅର୍ଥନୀତି, ଦକ୍ଷତା ବିକାଶ ଓ ସହରୀକରଣ ଭଳି କ୍ଷେତ୍ରକୁ ଏଥିରେ ପ୍ରାଥମିକତା ଦିଆଯାଇଛି। ଏଥିସହ ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ମଧ୍ୟ ବିକାଶର ଅଂଶ ଭାବେ ଗ୍ରହଣ କରାଯାଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ଉନ୍ନତିକୁ ସମାନ ଗୁରୁତ୍ୱ ଦେବା ଏହି ଯୋଜନାର ଲକ୍ଷ୍ୟ। ଓଡ଼ିଶାର ଅର୍ଥନୀତିରେ କୃଷି ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏହି କ୍ଷେତ୍ରର ଉନ୍ନତିକୁ ଭିଜନ୍ ଡକ୍ୟୁମେଣ୍ଟରେ ଗୁରୁତ୍ୱ ଦିଆଯାଇଛି।

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ। ସେହିପରି ଶିଳ୍ପ ଓ ଭିତ୍ତିଭୂମି ବିକାଶ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଅନ୍ୟତମ ମୁଖ୍ୟ ଆଧାର ହେବ। ଶିଳ୍ପାୟନ ମାଧ୍ୟମରେ ଉତ୍ପାଦନ ବୃଦ୍ଧି, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ରାଜ୍ୟର ଆୟ ବୃଦ୍ଧି ପାଇଁ ଯୋଜନା କରାଯାଇଛି। ଏଥିସହ ବନ୍ଦରଭିତ୍ତିକ ବିକାଶ ଓ ପରିବହନ ବ୍ୟବସ୍ଥାର ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ଅର୍ଥନୈତିକ ସାମର୍ଥ୍ୟକୁ ଆହୁରି ବଢ଼ାଇବା ଉପରେ ଗୁରୁତ୍ୱ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶକୁ ପ୍ରାଥମିକତାସ୍ୱଅର୍ଥନୈତିକ ବିକାଶ ସହ ମାନବ ସମ୍ବଳର ଉନ୍ନତି ମଧ୍ୟ ରାଜ୍ୟ ସରକାରଙ୍କ ଭିଜନ୍ ଡକ୍ୟୁମେଣ୍ଟର ଏକ ପ୍ରମୁଖ ଅଂଶ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ସହ ଯୁବପିଢ଼ିଙ୍କୁ ଦକ୍ଷ କରିବା ପାଇଁ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ରାଜ୍ୟର ଯୁବକଯୁବତୀଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇଁ ଅଧିକ ସୁଯୋଗ ମିଳିବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ସେମାନଙ୍କ ଭାଗୀଦାରି ବଢ଼ିବ ବୋଲି ସରକାର ଆଶା ରଖିଛନ୍ତି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ଦ୍ରୁତ କରିବା ସହ ଏହାର ସୁଫଳ ସମାଜର ସବୁ ବର୍ଗଙ୍କ ନିକଟରେ ପହଞ୍ଚାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ଆରମ୍ଭ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ରାଜ୍ୟର ସାମଗ୍ରିକ ପ୍ରଗତିକୁ ଦ୍ରୁତ ଗତିରେ ଆଗକୁ ନେବା ସହ ଲୋକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆଣିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ଓଡ଼ିଶାର ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଟଙ୍କାରେ ପହଞ୍ଚିବା ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଗଠନର ଲକ୍ଷ୍ୟ ରାଜ୍ୟର ଆଗାମୀ ଦଶନ୍ଧିଗୁଡ଼ିକର ବିକାଶ ଯୋଜନାକୁ ଏକ ନୂଆ ଦିଗ ଦେଇଛି। ତେବେ ଏହି ଲକ୍ଷ୍ୟ କେତେ ଶୀଘ୍ର ଓ କେତେ ପରିମାଣରେ ସାକାର ହେବ, ତାହା ଯୋଜନାଗୁଡ଼ିକର କାର୍ଯ୍ୟକାରିତା, ପୁଞ୍ଜିନିବେଶ ଓ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ପ୍ରଗତି ଉପରେ ନିର୍ଭର କରିବ।

ଆନ୍ଧ୍ରରେ ଭୋଟ ଦେଲେ ଓଡ଼ିଆ ଭୋଟର

ବ୍ରହ୍ମପୁର, ୨୭।୧୧: ଆଜି ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଛି ସରପଞ୍ଚ ଏବଂ ୱାର୍ଡ ସଭ୍ୟ ପାଇଁ ଭୋଟ୍? ଦାନ ସରିଛି ଏସବୁ ଭିତରେ ଗୁଡିଖୋଳା ଗାଁକୁ ନେଇ ଉଭୟ ଆନ୍ଧ୍ର – ଓଡିଶା ସରକାର ଦ୍ୱନ୍ଦରେ ଗୁଡିଖୋଳା କାହାର, ତାକୁ ନେଇ ଆରମ୍ଭ ହୋଇଛି କସରତ ଆନ୍ଧ୍ରପ୍ରଦେଶର ବୁଡ଼ାରସିଙ୍ଗି ବୁଥରେ ଅନୁଷ୍ଠିତ ହୋଇଥିବା ଭୋଟ କେନ୍ଦ୍ରରେ ଓଡ଼ିଆ ଭୋଟର ଭୋଟ ଦେଇଥିବା କହିଛନ୍ତି । ସବୁଠୁ ବଡ଼ କଥା ହେଉଛି ଓଡିଶା – ଆନ୍ଧ୍ର ସୀମାନ୍ତ ଓଡିଶା ଅଧିନସ୍ଥ ଗୁଡିଖୋଳା ଗାଁର ଭୋଟର ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ଭାଗ ନେଇ ଭୋଟ ଦେଇଥିବା କୁହା ଯାଇଛି ଗାଁ ଗୋଟିଏ ହେଲେ, ନାଁ ତିନୋଟି ଗାଁ ମୁଣ୍ଡରେ ଥିବା ଆମ ଅଙ୍ଗନାବାଡ଼ି କେନ୍ଦ୍ରରେ ଲେଖା ଆଛି ଗୁଡୁକୁଡି ଗାଁ, ଗଙ୍ଗାବାଡି ପଞ୍ଚାୟତ, ରାୟଗଡ ବ୍ଲକ, ଗଜପତି ଜିଲ୍ଲା ତା ପାଖରେ ଥିବା ଆବାସ ଯୋଜନାରେ ପାଇଥିବା ହିତାଧିକାରୀଙ୍କ ନାଁ ଲିଲି ଶବର, ଅବଣ୍ଡିଆ ଗାଁ, ବୁରାତାଲ ପଞ୍ଚାୟତ, ଗଞ୍ଜାମ ଜିଲ୍ଲା ବୋଲି ଲେଖା ଅଛି । ଆଉ ଏହାର ସମ୍ମୁଖ ଘରେ ଶବର ଗୁଲାପି, ଗୁଡିଖୋଳା ଗାଁ, ବୁଢ଼ାରିସିଙ୍ଗ ପଞ୍ଚାୟତ, ମଞ୍ଜାସା ମଣ୍ଡଳ, ଆନ୍ଧ୍ରପ୍ରଦେଶ ବୋଲି ଲେଖା ଅଛି ଗୋଟିଏ ଗାଁରେ ତିନି ତିନୋଟି ଜିଲ୍ଲାର ସୁବିଧା ସୁଯୋଗ ଯୋଗାଇଥିବା ଉଲ୍ଲେଖ ରହିଛି ଏହାରି ଭିତରେ ଆଜି ଅନୁଷ୍ଠିତ ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ଗାଁ ଲୋକେ ଭୋଟ ଦେଇଥିବା କହିଛନ୍ତି ଗାଁର ଜଣେ ବୃଦ୍ଧା ସପ୍ତାରି ଶବର ଉଭୟ ରାଜ୍ୟର ସ୍ୱାସ୍ଥ୍ୟ କାର୍ଡ ପାଇଥିବା କହିଛନ୍ତି । ଗୁଡିଖୋଳା ଗାଁ, ବୁରାତାଲ ପଞ୍ଚାୟତ, ଜରଡ଼ା ଥାନା, ଗଞ୍ଜାମ ଜିଲ୍ଲା ଓଡିଶା ଭୋଟର କାର୍ଡ ଥିବା ବେଳେ ଆନ୍ଧ୍ରପ୍ରଦେଶ ରାସନ କାର୍ଡ ପାଇଛନ୍ତି ଏପରିକି ମାସିକ ୪ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଉଥିବା କହିଛନ୍ତି ବୃଦ୍ଧା ଜଣକ ଓଡିଶା କୌଣସି ସୁବିଧା ଯୋଗାଉ ନାହିଁ ଥିବା ସମସ୍ୟାର ସମାଧାନ ପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଓଡିଶାରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନକୁ ବର୍ଜ୍ଜନ କରିବା ସହ ଆନ୍ଧ୍ରପ୍ରଦେଶକୁ ହିଁ ସମର୍ଥନ କରିବୁ ବୋଲି କହିଛନ୍ତି ସ୍ଥାନୀୟ ଯୁବକ ।

ହିରାକୁଦକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ ୯୯.୯୦ କୋଟିର ଯୋଜନା

ଭୁବନେଶ୍ୱର, ୨୭।୧୧: ଭାରତର ଅନ୍ୟତମ ପ୍ରସିଦ୍ଧ ଇଞ୍ଜିନିୟରିଂ କୀର୍ତ୍ତିରାଜି ହିରାକୁଦ ବନ୍ଧ ଏବେ ଏକ ହାଇ-ଟେକ୍ ଏବଂ ପର୍ଯ୍ୟଟକ ଅନୁକୂଳ ନୂଆ ରୂପ ପାଇବାକୁ ଯାଉଛି। ସ୍ୱେଶାଲ୍ ଆସିଷ୍ଟାନ୍ସ ଟୁ ଷ୍ଟେଟ୍ସ ଫର୍ କ୍ୟାପିଟାଲ୍ ଇନଭେଷ୍ଟମେଣ୍ଟ ଯୋଜନା ଅଧୀନରେ ୯୯.୯୦ କୋଟି ଟଙ୍କାର ଏକ ପ୍ରମୁଖ ପ୍ରକଳ୍ପ ମାଧ୍ୟମରେ ହିରାକୁଦ ବନ୍ଧକୁ ଏକ ଆକର୍ଷଣୀୟ ଜଳ ଐତିହ୍ୟ ଏବଂ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରାଯାଉଛି। ଓଡ଼ିଶାର ଜଳ ସମ୍ପଦ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଉଦ୍ୟମରେ ଏହି ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶା କନଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ କରାଯାଉଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଐତିହାସିକ ତଥ୍ୟ ସହ ଆଧୁନିକ ଭିତ୍ତିଭୂମିକୁ ଯୋଡ଼ି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ନୂଆ ଜୀବିକା ସୁଯୋଗ ସୃଷ୍ଟି କରିବା। ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ହିରାକୁଦ ଡ୍ୟାମ୍ ମ୍ୟୁଜିୟମ୍। ଏହି ରୂପାନ୍ତରଣର ମୁଖ୍ୟ ଆକର୍ଷଣ ହେବ ନିର୍ମାଣାଧୀନ ହିରାକୁଦ ଡ୍ୟାମ୍ ମ୍ୟୁଜିୟମ୍। ଏକ ଶିକ୍ଷଣୀୟ ଏବଂ ଇଣ୍ଟରାକ୍ଟିଭ୍ କେନ୍ଦ୍ର ଭାବେ ପରିକଳ୍ପିତ ଏହି ମ୍ୟୁଜିୟମରେ ଓଡ଼ିଶାର ବିକାଶରେ ଏହି ବନ୍ଧର ଭୂମିକାବିଶେଷକରି ଏହାର ଇଞ୍ଜିନିୟରିଂ ଡିଜାଇନ୍, ଐତିହାସିକ ପୃଷ୍ଠଭୂମି ଏବଂ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳବିଦ୍ୟୁତ୍ ଉତ୍ପାଦନ ତଥା ଆଞ୍ଚଳିକ ସାମାଜିକ-ଅର୍ଥନୈତିକ ପ୍ରଗତି ଉପରେ ଏହାର ପ୍ରଭାବକୁ ପ୍ରଦର୍ଶିତ କରାଯିବ। ଛାତ୍ରଛାତ୍ରୀ, ଗବେଷକ ଏବଂ ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼କୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଏକ ନୂଆ ଆରାଇଭାଲ୍ ପ୍ଲାଜା ନିର୍ମାଣ କରାଯାଉଛି। ଏଥିରେ ସୁନ୍ଦର ଉଦ୍ୟାନ (ଲ୍ୟାଣ୍ଡସ୍କେପ୍ଡ ଓପନ୍ ଏରିଆ), ସୁବ୍ୟବସ୍ଥିତ ପାର୍କିଂ, ସର୍ବସାଧାରଣ ସୁବିଧା କେନ୍ଦ୍ର, ସପିଂ କମ୍ପ୍ଲେକ୍ସ ଏବଂ ଫୁଡ୍ କୋର୍ଟ ଭଳି ବ୍ୟବସ୍ଥା ରହିବ। ଏହା ପର୍ଯ୍

୫ ଦିନ ମଧ୍ୟରେ ୪ଟି ହଜିଯାଇଥିବା ମୋବାଇଲ ଉଦ୍ଧାର କଲା କୁଚିଣ୍ଡା ପୁଲିସ

କୁଚିଣ୍ଡା:୨୫/୧୧(ଆନିସ): ପୁଲିସର ତ୍ୱରିତ ପଦକ୍ଷେପ ଓ ବୈଷୟିକ ତଦନ୍ତ ଯୋଗୁଁ ମାତ୍ର ୫ ଦିନ ମଧ୍ୟରେ ୪ଟି ହଜିଯାଇଥିବା ନୂତନ ଓପୋ ମୋବାଇଲ ଫୋନ ଉଦ୍ଧାର କରିବାରେ ସଫଳ ହୋଇଛି କୁଚିଣ୍ଡା ପୁଲିସ। ଉଦ୍ଧାର ହୋଇଥିବା ମୋବାଇଲଗୁଡ଼ିକର ମୋଟ ମୂଲ୍ୟ ୮୮ ହଜାର ୭୯୦ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, କୁଚିଣ୍ଡାସ୍ଥିତ କମଳେଶ ମୋବାଇଲ ଦୋକାନର ମାଲିକ କମଳେଶ ପଟେଲ ସମ୍ବଲପୁରରୁ କୁଚିଣ୍ଡାକୁ ବସ୍ ଯୋଗେ ୪ଟି ନୂତନ ଓପୋ ମୋବାଇଲ ଫୋନ ଆଣୁଥିବା ସମୟରେ ଗତ ୧୭ ତାରିଖରେ ମୋବାଇଲଗୁଡ଼ିକ ହଜିଯାଇଥିଲା। ଏନେଇ ସେ ନଭେମ୍ବର ୧୮ ତାରିଖରେ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ କେସ୍ ନଂ-୨୬୧, ତାରିଖ ୧୮.୧୧.୨୦୨୬, ଦଫା ୩୧୬(୩) ବିଏନଏସ୍ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପୁଲିସ ବୈଷୟିକ ସୂଚନା ଆଧାରରେ ତଦନ୍ତ ଜାରି ରଖି ମାତ୍ର ୫ ଦିନ ମଧ୍ୟରେ ସମସ୍ତ ୪ଟି ମୋବାଇଲ ଫୋନ ଉଦ୍ଧାର କରିଥିଲା। ପରେ ଉଦ୍ଧାର ହୋଇଥିବା ମୋବାଇଲଗୁଡ଼ିକୁ ଅଭିଯୋଗକାରୀ ତଥା ଦୋକାନ ମାଲିକ କମଳେଶ ପଟେଲଙ୍କୁ ହସ୍ତାନ୍ତର କରାଯାଇଛି। କୁଚିଣ୍ଡା ପୁଲିସର ଏହି ତ୍ୱରିତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଭତ୍ତା ପାଇଁ ଗୁଳଗୁଳା

୫ ରୁ ୧୩ ମାସ ହେଲା ମିଳିନି ଭତ୍ତା ୨୫ ତାରିଖର ଘୋଷଣା ବି ଫେଲ୍!

ନିରାଶ ହୋଇ ଫେରିଲେ ଶତାଧିକ ହିତାଧିକାରୀ

କୁଚିଣ୍ଡା, ୨୬ / ୧୧(ଆନିସ): ସରକାରଙ୍କ ଘୋଷଣା ଅନୁଯାୟୀ ନଭେମ୍ବର ୨୫ ତାରିଖରେ ହିତାଧିକାରୀଙ୍କୁ ହାତାହାତି ଭତ୍ତା ପ୍ରଦାନ କରାଯିବାର ଥିଲା। ଏହି ଆଶା ନେଇ ସକାଳୁ ଶତାଧିକ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ନିଜ ନିଜ ପଞ୍ଚାୟତରେ ପହଞ୍ଚିଥିଲେ। କିନ୍ତୁ ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ଭତ୍ତା ନମିଳିବାରୁ ଶେଷରେ ନିରାଶ ହୋଇ ଖାଲି ହାତରେ ଘରକୁ ଫେରିଥିଲେ। ସରକାରଙ୍କ ଘୋଷଣା ଓ ବାସ୍ତବ ସ୍ଥିତି ମଧ୍ୟରେ ଏଭଳି ତାରତମ୍ୟକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏଭଳି ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି ସମ୍ବଲପୁର ଜିଲ୍ଲା ବାମରା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଅନେକ ହିତାଧିକାରୀ ମାସ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। କେତେକ ହିତାଧିକାରୀଙ୍କୁ ୫ ମାସ ହେଲା ଭତ୍ତା ମିଳିନଥିବା ବେଳେ ଆଉ କେତେକ ୧୩ ମାସ ଧରି ଭତ୍ତା ପାଇନଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ଭତ୍ତାକୁ ଅପେକ୍ଷା କରିଥିବା ଏହି ହିତାଧିକାରୀମାନେ ୨୫ ତାରିଖରେ ଟଙ୍କା ପାଇବା ଆଶାରେ ପଞ୍ଚାୟତକୁ ଆସିଥିଲେ। ମାତ୍ର ଭତ୍ତା ବଣ୍ଟନ ହୋଇନପାରିବାରୁ ସେମାନଙ୍କ ନିରାଶା ଓ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି।



ବିଶେଷକରି ବୟସର ଅପରାହ୍ଣରେ ପହଞ୍ଚିଥିବା ବୃଦ୍ଧବୃଦ୍ଧା, ସ୍ୱାମୀଙ୍କୁ ହରାଇଥିବା ବିଧବା ମହିଳା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ଦୂରଦୂରାନ୍ତରୁ ଭତ୍ତା ପାଇବା ଆଶାରେ ଆସି ହଇରାଣ ହୋଇଥିଲେ। ଅନେକଙ୍କ ପାଇଁ ଏହି ମାସିକ ଭତ୍ତା ହିଁ ଜୀବନଧାରଣର ଏକମାତ୍ର ଆର୍ଥିକ ସାହାରା। ଏଭଳି ସ୍ଥିତିରେ ମାସ ମାସ ଧରି ଭତ୍ତା ନମିଳିବା ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। ସୂଚନା ଅନୁଯାୟୀ, ବାମରା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ସରକାରଙ୍କ ଘୋଷଣା ସତ୍ତ୍ୱେ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବଣ୍ଟନ ହୋଇପାରିନଥିଲା। ଭତ୍ତା ଟଙ୍କା ଉଠାଣରେ ବ୍ୟାଙ୍କ ପକ୍ଷରୁ ଅହେତୁକ ବିଳମ୍ବ ହେବାରୁ ନିର୍ଦ୍ଧାରିତ ଦିନରେ ଭତ୍ତା ବଣ୍ଟନ ସମ୍ଭବ ହୋଇନଥିବା ପଞ୍ଚାୟତ ଅଧିକାରୀମାନେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ, ବାମରା ଏନ୍ଏସି ପକ୍ଷରୁ ବିଳମ୍ବରେ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ଦୂରଦୂରାନ୍ତରୁ ଆସିଥିବା ହିତାଧିକାରୀମାନେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଳମ୍ବରେ ଟଙ୍କା ଆସିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନିର୍ଦ୍ଧାରିତ ତାରିଖରେ ଭତ୍ତା ପ୍ରଦାନ ପାଇଁ ଘୋଷଣା କରାଯିବା ପରେ ମଧ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିଲା ନାହିଁ କାହିଁକି କେତେକ ହିତାଧିକାରୀ ୫ ମାସ ତ ଆଉ କେତେକ ୧୩ ମାସ ଧରି ଭତ୍ତାରୁ ବଞ୍ଚିତ ରହିବା ପଛରେ ପ୍ରକୃତ କାରଣ କଣ ଏଥିପାଇଁ ଦାୟୀ କିଏ ହିତାଧିକାରୀଙ୍କୁ ବକେୟା ଭତ୍ତା ସହ ନିୟମିତ ଭାବେ ଟଙ୍କା କେବେ ମିଳିବ ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠିଛି।

ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ବୟସ୍କ ଓ ଅସହାୟ ଲୋକଙ୍କୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବା ଦୁର୍ଭାଗ୍ୟଜନକ। ତେଣୁ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ବକେୟା ଭତ୍ତା ପ୍ରଦାନ ସହ ନିୟମିତ ଭତ୍ତା ବଣ୍ଟନର ବ୍ୟବସ୍ଥା କରିବାକୁ ହିତାଧିକାରୀ ମହଲରେ ଦାବି ହେଉଛି।

ଜଙ্গଲ ଜମିରେ ଗଛ କାଟି ବେଆଇନ ଗଞ୍ଜେଇ ଚାଷ ଅଭିଯୋଗ

କୁମ୍ଭକର୍ଣ୍ଣ ନିଦ୍ରାରେ ବନ ବିଭାଗ!

ବୌଦ୍ଧ: ବୌଦ୍ଧ ଜିଲ୍ଲାର ବିଭିନ୍ନ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ପ୍ରାକୃତିକ ପରିବେଶ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲ ଜମିରୁ ମୂଲ୍ୟବାନ ଗଛ କାଟି ଜମିକୁ ସଫା କରାଯିବା ସହ ସେଠାରେ ବ୍ୟାପକ ଭାବେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ନେଇ ସାଂଘାତିକ ଅଭିଯୋଗ ଉଠିଛି। ଗୋଟିଏ ପଟେ ଜଙ୍ଗଲ ଧ୍ୱଂସ ପାଇ ସବୁଜିମା ଉଜୁଡ଼ି ଯାଉଥିବା ବେଳେ ଅନ୍ୟପଟେ ନିଶା ମାଫିଆଙ୍କ ରାଜ୍ ବଢୁଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଗଛ କାଟି ଚାଷଜମି ପ୍ରସ୍ତୁତ କରୁଛନ୍ତି ମାଫିଆ।

ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍‌ଙ୍କ ଅଭିଯୋଗ ଅନୁସାରେ, କିଛି ଅସାଧୁ ବ୍ୟକ୍ତି ଓ ନିଶା ମାଫିଆ ଜଙ୍ଗଲର ଭିତିରି ଅଞ୍ଚଳକୁ ଟାର୍ଗେଟ କରୁଛନ୍ତି। ପ୍ରଥମେ ସେମାନେ ଜଙ୍ଗଲରେ ଥିବା ବଡ଼ ବଡ଼ ଗଛଗୁଡ଼ିକୁ କାଟି ପଦା କରିଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେହି ଜମିକୁ ସମତଳ କରି ଗଞ୍ଜେଇ ଚାଷ ପାଇଁ ଉପଯୋଗୀ କରୁଛନ୍ତି। ଜଳସେଚନ ଓ ସାର ବ୍ୟବହାର କରି ସେଠାରେ ଯୋଜନାବଦ୍ଧ ଭାବେ ଏହି ବେଆଇନ ଚାଷ କରାଯାଉଥିବା ସୂଚନା ମିଳିଛି। ଏହାଦ୍ୱାରା ଜିଲ୍ଲାର ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ମଧ୍ୟ ବିପନ୍ନ ହେବାରେ ଲାଗିଛି।ବନ ବିଭାଗର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜଙ୍ଗଲର ସୁରକ୍ଷା ତଥା ବନୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବୌଦ୍ଧ ଜିଲ୍ଲାରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଜଙ୍ଗଲ ଭିତରେ ଏତେ ବଡ଼ ଧରଣର ଗଛ କଟା ଏବଂ ଜମି ସଫା କାର୍ଯ୍ୟ ଚାଲିଥିଲେ ମଧ୍ୟ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ କିଭଳି ଏହାର ଟେର୍ ପାଉନାହାନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗର ନିୟମିତ ପାଟ୍ରୋଲିଂ ଅଭାବ ନା କୌଣସି ଭିତିରି ସଲାସୁତୁରା ଯୋଗୁଁ ଏଭଳି କାର୍ଯ୍ୟକଳାପ ବଢ଼ିଚାଲିଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏତେ ବଡ଼ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ



କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲିସର ଧରପଗଡ଼, ତଥାପି ଥମୁନି ଚାଷ । ଉଲ୍ଲେଖଯୋଗ୍ୟ ଯେ, ବୌଦ୍ଧ ଜିଲ୍ଲା ପୋଲିସ ଏବଂ ସ୍ୱତନ୍ତ୍ର ଟାସ୍କ ଫୋର୍ସ ପକ୍ଷରୁ ଅପରେସନ୍ ଗ୍ରୀନ୍ କ୍ଲିନ୍ ଓ ସଂକଳ୍ପ ଭଳି ଅଭିଯାନ ମାଧ୍ୟମରେ ହଜାର ହଜାର ଏକର ଜମିରୁ ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି। କିନ୍ତୁ କେବଳ ଫସଲ ନଷ୍ଟ କରିଦେଲେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଜଙ୍ଗଲ ଜମିକୁ ଜବରଦଖଲ ଓ ଗଛ କଟା ରୋକିବାରେ ବନ ବିଭାଗର ସକ୍ରିୟତା ନ ରହିଲେ ଏହି ବେଆଇନ କାରବାରକୁ ମୂଳପୋଛ କରିବା ଅସମ୍ଭବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପୁନଃ ବନୀକରଣ ଦାବି

ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଜଙ୍ଗଲ ଜମିରୁ ଗଛ କାଟୁଥିବା ଏବଂ ଗଞ୍ଜେଇ ଚାଷ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏହାସହ ଜଙ୍ଗଲ ସୁରକ୍ଷାରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ଏବଂ ନଷ୍ଟ ହୋଇଥିବା ଜଙ୍ଗଲ ଜମିରେ ପୁନଃ ବନୀକରଣ କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

କନ୍ଧମାଳରେ ପାଳିତ ହେଲା ସମ୍ବିଧାନ ଦିବସ

ଫୁଲବାଣୀ, ୨୬।୧୧: କନ୍ଧମାଳ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ବୁଧବାର ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ



କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ପ୍ରଶାସନ)ଶ୍ରୀ ନରେନ୍ଦ୍ର ନାୟକ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରାଇଥିଲେ। ଏହି ଅବସରରେ ସମ୍ବିଧାନର ମହତ୍ତ୍ୱ, ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ଆଦର୍ଶକୁ ଜୀବନରେ ପ୍ରତିଫଳିତ କରିବା ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା।

ଦୁର୍ଘଟଣାରେ ଅଙ୍ଗନାବାଡି କର୍ମୀ ମୃତ

ବିନିକା ୨୬/୧୧ (ଆନିସ) : ବିନିକା ଥାନା ମହାଦେବପାଳି ଫାଣ୍ଡି ଅନ୍ତର୍ଗତ ଘୋଡାଧାର ସ୍କୁଲ ସମ୍ମୁଖରେ ଅଜି ଦିନପ୍ରାୟ ୧୦.୧୫ ମିନିଟ ସମୟରେ ବିନିକା ପଟରୁ ଆଶୁଥିବ ଦ୍ରୁତଗାମୀ ଟ୍ରକ ଅଙ୍ଗନବାଡ଼ି କର୍ମୀ ଗାୟତ୍ରୀ ପୂଜାହାରୀ (୫୦) ଧକ୍କା ଦେବାରୁ ସେ କିଛିଦୁର ରାସ୍ତାରୁ ଛିଟିକି ପଡ଼ିଥିଲେ । ପ୍ରତ୍ୟେକ ଦିନ ଭଳି ସ୍କୁଲ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଘଟଣା ଘଟାଇ ଘଟଣା ସ୍ଥଳରୁ ଟ୍ରକଟି ଫେରାଳ ହୋଇଥିଲା । ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଅଙ୍ଗନଓ୍ୱାଡି କର୍ମୀ ଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲେନସରେ ସୋନପୁର ହସ୍ପିଟାଲ କୁ ପଠାଇଥିଲେ ସେଠାରେ ଡାକ୍ତର ଗାୟତ୍ରୀ ଙ୍କୁ ମୃତ ଘୋଷଣା କହିଥିଲେ ।

କହପାଣି ନିକଟରେ ଭୟାବହ ସଡ଼କ ଦୁର୍ଘଟଣା

ବସ୍ ସହ ବାଇକ୍‌ର ଧକ୍କା ୪ ଯୁବକ ଆହତ, ୨ ଗୁରୁତର

କୁଚିଣ୍ଡା,୨୬/୧୧(ଆନିସ): ବାମରା-କୁଚିଣ୍ଡା ମୁଖ୍ୟ ରାସ୍ତାର କହପାଣି ନିକଟରେ ଏକ ଯାତ୍ରୀବାହୀ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୪ ଜଣ ଯୁବକ ଆହତ ହୋଇଛନ୍ତି। ଏଥିରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ବାମରାରୁ କୁଚିଣ୍ଡା ଅଭିମୁଖେ ଭାଗ୍ୟଲକ୍ଷ୍ମୀ ନାମକ ଏକ ଯାତ୍ରୀବାହୀ ବସ୍ ଯାଉଥିବା ବେଳେ ବିପରୀତ ଦିଗରୁ ଗୋଟିଏ ବାଇକ୍‌ରେ ଆସୁଥିବା ୪ ଜଣ ଯୁବକ ବସ୍‌ର ସମ୍ମୁଖ ଭାଗରେ ପିଟି ହୋଇଯାଇଥିଲେ। ଫଳରେ ବାଇକ୍‌ରେ ଥିବା ଚାରି ଜଣ ଯୁବକ ଆହତ ହୋଇଥିଲେ।ଆହତଙ୍କ ମଧ୍ୟରେ ଝୁବୁଡ଼ା ଗ୍ରାମର ତ୍ରିଲୋଚନ କିସାନ ଓ ଚୈତନ୍ୟ କିସାନଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ଦୋଲମଣି ଦୀପ ଓ ରଜାବସା ଅଞ୍ଚଳର ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସେ ଫେରାର ଅଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଦୁଇ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ରେଫର କରାଯାଇଛି। ବାଇକ୍ ଓ ବସ୍ କୁ ଜବତ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପଦ୍ମାଳୟ ସାହୁଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସାମ୍ବିଧାନିକ ଗଣତନ୍ତ୍ରରେ ବିରୋଧଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବିଂଝାରପୁର , ୨୬୧୧(ଆନିସ) : ସାମ୍ବିଧାନିକ ଗଣତନ୍ତ୍ରରେ ବିରୋଧି ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁଃଖର ବିଷୟ ବିରୋଧି ଦଳ ବିରୋଧ ପକ୍ଷରେ ନରହି ଅବରୋଧ ପକ୍ଷ ହୋଇଯାଉଥିବା ଦେଖାଯାଉଛି ବୋଲି ଅଖିଳଚକ୍ର ପକ୍ଷରୁ କୁହାଯାଇଛି । ଜାତୀୟ ସମ୍ବିଧାନ ଦିବସ ଉପଲକ୍ଷେ ଅଖିଳଚକ୍ର ପକ୍ଷରୁ ମଇଁଦା ଯୁଜିମିଇ ପରିସରରେ ଥିବା ଗାନ୍ଧି ଗୋପବନ୍ଧୁ ଡଃ ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଓ ଡକ୍ଟର ବାବାସାହେବ ଆମ୍ବେଦକର ଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦିଆଯାଇ ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସହସମ୍ପାଦକ ଗୌରାଙ୍ଗ ସାଇଁ ଅଂଶଗ୍ରହଣ କରି କହିଲେ ଯେ ଭାରତୀୟ ସମ୍ବିଧାନ ଭାରତର ସମୃଦ୍ଧି, ପରମ୍ପରା ଓ ସଂସ୍କୃତିକୁ ନେଇ ଗଠନ କରାଯାଇଥିଲେ ହେଁ ଦେଶର ଶାସକ, ବିରୋଧି, ଓ ନାଗରିକମାନେ ଉପଲବ୍ଧ କରିପାରୁନଥିବା ଅନୁଭୂତ ହେଉଛି । ଅନ୍ୟତମ ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡା କହିଲେ ଯେ ସାମାଜିକ ଓ ଆର୍ଥିକ ନ୍ୟାୟ ପାଇଁ ଉଦ୍ୟମ ଆମ ସମ୍ବିଧାନର ମୂଳ ଆଧାର ହୋଇଥିବା ବେଳେ ସମ୍ବିଧାନ ନିର୍ମାତାଙ୍କ ସ୍ୱପ୍ନକୁ ସାକାର କରାଯାଇ ପାରିନାହିଁ । ସଭାପତି ଶ୍ରୀପଣ୍ଡା ତାଙ୍କ ଅଭିଭାଷଣରେ କହିଲେ ଯେ ଆମ ସମ୍ବିଧାନ ଭାରତ ସାଧୀନତା ହେବା ପରଠାରୁ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାଫଳରେ ଗଣତନ୍ତ୍ର ସୁଦୃଢ ହୋଇ ପାରୁନାହିଁ । ଏଥିପାଇଁ ବିରୋଧ ଦଳ ଗୁଡିକ ଆଦୌ ସଚେତନ ହେଉନଥିବା ଅନୁଭୂତ ହେଉଛି । ଅଖିଳଚକ୍ର ପକ୍ଷରୁ



କରି ଆସୁଅଛି । ସମ୍ବିଧାନ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତି ବେଳେ ବେଳେ ଏହାକୁ ଦୁର୍ବଳ କରିବା ପାଇଁ ଯେଉଁ ଅପଚେଷ୍ଟା କରିଛନ୍ତି ତାହା ନିନ୍ଦନୀୟ । ଆମ ସମ୍ବିଧାନ ସମ୍ପର୍କରେ ବହୁ ନାଗରୀକମାନେ ଅଜ୍ଞ ହୋଇଥିବାରୁ ଚତୁର ପ୍ରତିନିଧିମାନେ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସମ୍ବିଧାନ ସୁରକ୍ଷା ପରିବର୍ତ୍ତେ ନୀରବ ରହି ଆସୁଥିବାରୁ ଲୋକେ ବହୁ ସମ୍ବିଧାନର ସୁରକ୍ଷା ପାଇଁ ରଚନାତ୍ମକ କାର୍ଯ୍ୟ ଗ୍ରହଣ କରିବାକୁ ସଭାପତି ଘୋଷଣା କରିଥିଲେ । ଏଥିରେ ରମେଶ ଚନ୍ଦ୍ର ନାଥ, ମନୋରଂଜନ ଧଳ, ଶଶାଭୂଷଣ ସାମଲ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ବାର୍ତ୍ତା ଦେଇ ଭାରତର ସମ୍ବିଧାନକୁ ଏହାର ମୂଳସ୍ୱରୂପ ଏବଂ ମୂଳଭାବନାଠାରୁ ଦୂରେଇ ନଯିବା ପାଇଁ ପ୍ରତିବଦ୍ଧତା ଆବଶ୍ୟକ ବୋଲି କହିଥିଲେ ।

ଜିଲ୍ଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ

ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ଦଣ୍ଡନୀୟ ଅପରାଧ, ଆଇନସଙ୍ଗତ ପ୍ରକ୍ରିୟା ଅନୁସରଣ ପାଇଁ ଆହ୍ୱାନ

ବାରିପଦା, ୨୬।୧୧ (ଆନିସ): ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ 'ପୋଷ୍ୟ ସନ୍ତାନ ଗ୍ରହଣ ମାସ' ପାଳନ ଅବସରରେ ବୁଧବାର ଦିନ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଚଳିତ ବର୍ଷର ବାର୍ତ୍ତା 'ଅବୈଧ ପୋଷ୍ୟ ସନ୍ତାନ ଗ୍ରହଣକୁ ନା କୁହନ୍ତୁ' ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ର

'ସାଧୁତାରୁ ସମୃଦ୍ଧି' ବାର୍ତ୍ତା ନେଇ ବ୍ରହ୍ମପୁରରେ ଟିପିଏସ୍‌ଓଡିଏଲ୍‌ର ୱାକାଥନ



ବ୍ରହ୍ମପୁର,୨୬।୧୧ (ଆନିସ): ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ମାସ -୨୦୨୬ ପାଳନ ଅବସରରେ ବ୍ରହ୍ମପୁରଠାରେ ଏକ ୱାକାଥନ ଆୟୋଜିତ ହୋଇଛି । 'ସାଧୁତାରୁ ସମୃଦ୍ଧି' ବିଷୟବସ୍ତୁ ଉପରେ ଆଧାରିତ ଏହି ୱାକାଥନର ଉଦ୍ଦେଶ୍ୟ ଥିଲା ଦୁର୍ନୀତିମୁକ୍ତ ସମାଜ ଗଠନରେ ସାମୂହିକ ଦାୟିତ୍ୱବୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା।

ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏବଂ ଶିକ୍ଷାବିତ୍ ଶ୍ରୀମତୀ ମଞ୍ଜୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି ୱାକାଥନରେ ସାମିଲ ହୋଇଥିଲେ। ସହରର ପ୍ରମୁଖ ସ୍ଥାନ ଦେଇ ଆୟୋଜିତ ଏହି ୱାକାଥନରେ ଅଂଶଗ୍ରହଣକାରୀମାନେ ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ବଳିତ ବ୍ୟାନର ଓ ପ୍ଲାକାର୍ଡ ଧରି ୱାକାଥନ କରିଥିଲେ। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତାର ବାର୍ତ୍ତାକୁ ଦୋହରାଇବା ପାଇଁ କର୍ମଚାରୀମାନେ ଉତ୍ସାହର ସହ ଏଥିରେ ଯୋଗ ଦେଇଥିଲେ।

ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍, କହିଛନ୍ତି, ''ସଚ୍ଚୋଟତା ଓ ସ୍ୱଚ୍ଛତା ହେଉଛି ଏକ ଦାୟିତ୍ୱବାନ ଏବଂ ବିଶ୍ୱସନୀୟ ସଂସ୍ଥାର ମୂଳଦୁଆ। ସତର୍କତା କେବଳ ଦୁର୍ନୀତିକୁ ରୋକିବାରେ ସୀମିତ ରୁହେଁ ବରଂ ଏପରି ଏକ କାର୍ଯ୍ୟସଂସ୍କୃତି ଗଠନ କରିବା, ଯେଉଁଠାରେ ସଚ୍ଚୋଟତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣ ଆମର ଦୈନନ୍ଦିନ ନିଷ୍ପତ୍ତିର ଅବିଚ୍ଛେଦ୍ୟ ଅଂଶ ହୋଇଥିବ। ଏଭଳି ପଦକ୍ଷେପ ମାଧ୍ୟମରେ ଆମେ କର୍ମଚାରୀ ଓ ସମାଜ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା' ନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ।''

ଦୁର୍ନୀତି ନିବାରଣ ସଚେତନତା ମାସ ପାଳନର ଅଂଶସ୍ୱରୂପ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଆସ୍କା, ଫୁଲବାଣୀ, ଜୟପୁର ଓ ରାୟଗଡ଼ାଠାରେ ମଧ୍ୟ ୱାକାଥନ ଆୟୋଜନ କରାଯାଇଥିଲା। ଏହା ମାଧ୍ୟମରେ କମ୍ପାନୀର କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ସଚ୍ଚୋଟତା ଓ ସତର୍କତାର ବାର୍ତ୍ତା ପହଞ୍ଚାଯାଇଥିଲା।

ମାସବ୍ୟାପୀ ଏହି ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତରେ ସତର୍କତା ସଚେତନତାମୂଳକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକରେ ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସତର୍କତା, ଶାସନ ବ୍ୟବସ୍ଥାରେ ସଚ୍ଚୋଟତା ଏବଂ ଦୈନନ୍ଦିନ ଜୀବନରେ ଏହାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ନୈତିକ ମୂଲ୍ୟବୋଧ ଆପଣାଇ ଏକ ସ୍ୱଚ୍ଛ ସମାଜ ଗଠନରେ ଯୋଗଦାନ ଦେବାକୁ ଉତ୍ସାହିତ କରାଯାଇଥିଲା।

ଏହାବ୍ୟତୀତ, ଟିପିଏସ୍‌ଓଡିଏଲ୍‌ର କର୍ମଚାରୀମାନେ ଇ-ଶପଥ ଗ୍ରହଣ କରି ସଚ୍ଚୋଟତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣ ବଜାୟ ରଖିବାକୁ ନିଜର ପ୍ରତିବଦ୍ଧତା ଦୋହରାଇଥିଲେ। ଏଥିସହ ଗ୍ରାହକମାନଙ୍କ ନିକଟରେ ସତର୍କତା ଓ ଦୁର୍ନୀତି ବିରୋଧୀ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ଏସ୍‌ଏମ୍‌ଏସ୍ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଥିଲା। ଏହିସମସ୍ତ ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ନିଜର କର୍ମଚାରୀ, ଗ୍ରାହକ ଏବଂ ସମାଜରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛି।

ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅକ୍ଟୋବର ୨୬ରୁ ନଭେମ୍ବର ୨୫, ୨୦୨୬ ପର୍ଯ୍ୟନ୍ତ 'ସାଧୁତାରୁ ସମୃଦ୍ଧି' ବିଷୟବସ୍ତୁକୁ ନେଇ ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ କରାଯାଇଥିଲା। ଏହି ମାସବ୍ୟାପୀ କାର୍ଯ୍ୟକ୍ରମରେ ନୈତିକ ମୂଲ୍ୟବୋଧ, ସଚ୍ଚୋଟତା ଏବଂ ଦୁର୍ନୀତିମୁକ୍ତ ସମାଜ ଗଠନର ଲକ୍ଷ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଭିନ୍ନ ସଚେତନତା ଓ ଜନସମ୍ପର୍କମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ମାତ୍ର ୧୧ ଦିନରେ ସ୍ୱାନିଶ୍ ଭାଷା ଶିକ୍ଷାରେ ଉଲ୍ଲେଖନୀୟ ସଫଳତା

ମେଧା ଓ ଆତ୍ମବିଶ୍ୱାସର ନୂଆ ପରିଚୟ ସୃଷ୍ଟି କଲେ ବ୍ରହ୍ମପୁରର ୧୬ ବର୍ଷୀୟା ଛାତ୍ରୀ ଅନ୍ୱେଷା ଦାସ



ବ୍ରହ୍ମପୁର,୨୬।୧୧ (ଆନିସ): ଦୃଢ଼ ସଙ୍କଳ୍ପ, ଏକାଗ୍ରତା ଓ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଅଳ୍ପ ସମୟ ମଧ୍ୟରେ ଅସାଧାରଣ ଶିକ୍ଷାଗତ ଅଗ୍ରଗତି ସମ୍ଭବ। ଏହାର ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛନ୍ତି ବ୍ରହ୍ମପୁର ସହରର ଜଣେ ୧୬ ବର୍ଷୀୟା ଛାତ୍ରୀ ଅନ୍ୱେଷା ଦାସ। ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଏହି ଛାତ୍ରୀ ମାତ୍ର ୧୧ ଦିନ ମଧ୍ୟରେ ସ୍ୱାନିଶ୍ ଭାଷାର ଏକ ବଡ଼ ଅଂଶ ଶିକ୍ଷା କରି ନିଜର ଭାଷା ଦକ୍ଷତା ଓ ଆତ୍ମବିଶ୍ୱାସର ଉଦାହରଣ ସୃଷ୍ଟି କରିଛନ୍ତି।

ସେ ମମ୍ ସ୍କୁଲ ଅଫ୍ ଏକ୍ସଲେନ୍ସି ରେ ଏହି ବିଦେଶୀ ଭାଷା ଶିକ୍ଷା ଗ୍ରହଣ କରୁଛନ୍ତି। ସ୍ୱାନିଶ୍ ହେଉଛି ଜାତିସଂଘର (ୟୁନାଇଟେଡ୍ ନେସନ୍) ଛଅଟି ସରକାରୀ ଭାଷା ମଧ୍ୟରୁ ଅନ୍ୟତମ। ବିଶ୍ୱର ଅନେକ ଦେଶରେ ବ୍ୟାପକ ଭାବରେ କଥିତ ଏହି ଭାଷା ଆନ୍ତର୍ଜାତୀୟ ଯୋଗାଯୋଗ, ଶିକ୍ଷା, ସଂସ୍କୃତି ଓ କ୍ୟାରିୟର ପାଇଁ ନୂତନ ସୁଯୋଗର ଦ୍ୱାର ଖୋଲିଥାଏ।

ମାତ୍ର ୧୧ ଦିନର ଶିକ୍ଷା ଯାତ୍ରାରେ ଛାତ୍ରୀ ଜଣକ ଭାଷାର ଅନେକ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଆୟତ୍ତ କରିବା ସହ ବର୍ତ୍ତମାନ ଭଲ ଭାବରେ କଥାବାର୍ତ୍ତା କରିବାର ଦକ୍ଷତା ମଧ୍ୟ ହାସଲ କରିଛନ୍ତି। ତାଙ୍କର ଏହି ଅଗ୍ରଗତି କେବଳ ଏକ ନୂତନ ଭାଷା ଶିଖିବାରେ ସୀମିତ ନାହିଁ ବରଂ ତାଙ୍କ ବ୍ୟକ୍ତିତ୍ୱରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆଣିଛି।

ଛାତ୍ରୀଙ୍କ କହିବା ଅନୁଯାୟୀ, ଏହି ଶିକ୍ଷା ପଦ୍ଧତି ତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମଞ୍ଚରେ କଥା କହିବାର ଭୟ ଦୂର କରିଛି। ପୂର୍ବାପେକ୍ଷା ସେ ଏବେ ଅଧିକ ଆତ୍ମବିଶ୍ୱାସର ସହ ନିଜ ମତ ପ୍ରକାଶ କରିପାରୁଛନ୍ତି। ଏହା ସହିତ ମାନସିକ ଚାପରୁ ମୁକ୍ତ ରହି ଏକ ଶାନ୍ତ, ଧ୍ୟାନମୟ ଓ ସକାରାତ୍ମକ ପରିବେଶରେ ଶିକ୍ଷା ଗ୍ରହଣ କରିବାର ଅନୁଭୂତି ମଧ୍ୟ ସେ ପାଇଛନ୍ତି।

ଏହି ସଫଳତାର ଶ୍ରେୟ ସେ ନିଜର ଆଦରଣୀୟ ମାଷ୍ଟରଙ୍କ ମାର୍ଗଦର୍ଶନ ଓ ତାଙ୍କର ଶୁଭ ସଙ୍କଳ୍ପକୁ ଦେଇଛନ୍ତି। ତାଙ୍କ ମତରେ, ମାଷ୍ଟରଙ୍କ ସଙ୍କଳ୍ପ, ଧ୍ୟାନମୟ ଶିକ୍ଷା ପରିବେଶ ଓ ନିରନ୍ତର ପ୍ରେରଣା ତାଙ୍କୁ ନିଜର ସାମର୍ଥ୍ୟ ଚିହ୍ନିବାରେ ସାହାଯ୍ୟ କରିଛି। ତାଙ୍କର ଦୃଢ଼ ବିଶ୍ୱାସ ଯେ, ଏହି ମାର୍ଗଦର୍ଶନ ଅଧୀନରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଇଚ୍ଛୁକ ବ୍ୟକ୍ତି ନିଜ ମନର ଭୟ ଓ ସଂକୋଚକୁ ଦୂର କରି ନୂତନ ଭାଷା ଶିଖିବା ସହ ନିଜକୁ ଆହୁରି ଉନ୍ନତ କରିପାରିବେ।

ନିଜ ଅନୁଭୂତି ପ୍ରକାଶ କରି ଛାତ୍ରୀ ଜଣକ କହିଛନ୍ତି ଯେ, ଏହି ସୁଯୋଗ ପାଇ ସେ ଅତ୍ୟନ୍ତ କୃତଜ୍ଞ। ତାଙ୍କ ପାଇଁ ଏହା କେବଳ ଏକ ଭାଷା ଶିକ୍ଷା ନୁହେଁ, ବରଂ ନିଜକୁ ଜାଣିବା, ଆତ୍ମବିଶ୍ୱାସ ଗଢ଼ିବା ଓ ମାନସିକ ଶାନ୍ତି ସହ ଜୀବନକୁ ଆଗକୁ ନେବାର ଏକ ନୂତନ ଅନୁଭୂତି।

ଭାଷା ଶିକ୍ଷା ସହ ବ୍ୟକ୍ତିତ୍ୱ ବିକାଶ ଓ ମାନସିକ ଶାନ୍ତିକୁ ଗୁରୁତ୍ୱ ଦେଉଥିବା ମମ୍ ସ୍କୁଲ ଅଫ୍ ଏକ୍ସଲେନ୍ସିର ଏହି ପ୍ରୟାସ ଅନ୍ୟ ଯୁବପିଢ଼ିଙ୍କୁ ମଧ୍ୟ ନୂତନ ଭାଷା ଶିଖିବା ଓ ନିଜ ସାମର୍ଥ୍ୟକୁ ଆବିଷ୍କାର କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

ବାଲ୍ୟ ବିବାହ ବିରୋଧରେ ବ୍ରହ୍ମପୁରରେ ବହୁପକ୍ଷୀୟ ପରାମର୍ଶ ବୈଠକ

ଗଞ୍ଜାମକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ସାମୂହିକ ଶପଥ



ବ୍ରହ୍ମପୁର, ୨୬।୧୧ (ଆନିସ): ଆନ୍ତର୍ଜାତୀୟ ଶିଶୁ, ବାଲ୍ୟ ଏବଂ ବାଧ୍ୟ ବିବାହ ନିରାକରଣ ଦିବସ ଅବସରରେ ଗୁରୁବାର ବ୍ରହ୍ମପୁର ସ୍ଥିତ ରେଭେନ୍ୟୁ ଆଇ.ବି ସମ୍ମିଳନୀ କକ୍ଷରେ ଏକ ବହୁପକ୍ଷୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି ସୋସାଇଟି ଫର୍ ଏନଲାଇଟମେଣ୍ଟ ଆଣ୍ଡ ଭଲୁଣ୍ଟାରୀ ଆକ୍ସନ (ସେବା), ବ୍ରହ୍ମପୁର, ଗାନିଆ ଉନ୍ନୟନ କମିଟି (ଜି.ୟୁ.ସି) ଏବଂ ଜିଲ୍ଲା ପ୍ରଶାସନ, ଗଞ୍ଜାମଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କହଁର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଡି.ଏସ୍.ପି ସ୍ମୃତି ପ୍ରଭା ପ୍ରଧାନ, ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ପାଢ଼ୀ ଏବଂ ସେବା ସମ୍ପାଦିକା ଅଳକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସେବା ଏବଂ ଜି.ୟୁ.ସିର ସମସ୍ତ କୋର୍ଡିନେଟର ଏବଂ ଷ୍ଟାଫ୍ ମିଳିମିଶି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହା ସହିତ ବିଭିନ୍ନ ବିଭାଗର ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଏବଂ ସଚେତନ ନାଗରିକମାନେ ଯୋଗ ଦେଇଥିଲେ।

ବୈଠକରେ ବକ୍ତାମାନେ କହିଥିଲେ ଯେ, ବାଲ୍ୟ ବିବାହ କେବଳ ଏକ ପରମ୍ପରା ନୁହେଁ, ଏହା ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତକୁ ନଷ୍ଟ କରିଦେଉଥିବା ଏକ ଦଣ୍ଡନୀୟ ଅପରାଧ। ଡ଼ିଏସଡବ୍ଲ୍ୟୁଓ ଅର୍ଚ୍ଚନା କହଁର କହିଥିଲେ, ବାଲ୍ୟ ବିବାହ ରୋକିବା ପାଇଁ କେବଳ ପ୍ରଶାସନ ନୁହେଁ, ପରିବାର ଏବଂ ସମାଜର ସଚେତନତା ସବୁଠୁ ବଡ଼ ଅସ୍ତ୍ର। ସେଭଳି ଡିସିପିଓ ରାଜଶ୍ରୀ ଦାସ ବାଲ୍ୟ ବିବାହ ନିଷେଧ ଆଇନ ଏବଂ ପିଲାଙ୍କ ଅଧିକାର ବିଷୟରେ ବୁଝାଇଥିଲେ। ଡ଼ିଏସପି ସ୍ମୃତି ପ୍ରଭା ପ୍ରଧାନ କହିଥିଲେ, ବାଲ୍ୟ ବିବାହ ଖବର ମିଳିଲେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସେଭଳି ସିଡ଼ବ୍ଲୁସି ସଦସ୍ୟ ହରିହର ପାଢ଼ୀ ପିଲାମାନଙ୍କ ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ ଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିବା ଜଣାପଡ଼ିଲେ ତୁରନ୍ତ ଚାଇଲ୍ଡ ହେଲ୍ପ ଲାଇନ୍ ୧୦୯୮ କିମ୍ବା ନିକଟସ୍ଥ ଥାନାକୁ ଜଣାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ ସେବା ସମ୍ପାଦକ ଅଳକା ସାହୁ କହିଥିଲେ, ପ୍ରତ୍ୟେକ ଝିଅର ପାଠ ପଢ଼ିବାର ଏବଂ ନିଜ ସ୍ୱପ୍ନ ପୂରଣ କରିବାର ଅଧିକାର ଅଛି, ବାଲ୍ୟ ବିବାହ ସେ ସ୍ୱପ୍ନକୁ ମାରି ଦିଏ। ଆମେ ସମସ୍ତେ ମିଶିଲେ ହିଁ ଏହାକୁ ରୋକି ପାରିବା। ଏହା ପରେ ସମସ୍ତେ ଗଞ୍ଜାମ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସାମୂହିକ ଶପଥ ନେଇଥିଲେ।

ଜାତୀୟ ସମ୍ବିଧାନ ଦିବସ ପାଳିତ



ପାରଳାଖେମୁଣ୍ଡି,୨୬।୧୧ (ଆନିସ): ଗଜପତି ଜିଲ୍ଲାରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣ ରାଓ, ଏସିଏଫ୍ ପାରଳାଖେମୁଣ୍ଡି ଶ୍ରୀ ଗୋବିନ୍ଦରାମ ଏ ଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଭାରତୀୟ ସମ୍ବିଧାନର ମୂଳମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ଆଦର୍ଶକୁ ବଜାୟ ରଖିବା ସହ ସମ୍ବିଧାନର ମୂଲ୍ୟବୋଧ ଓ ନୀତିନିୟମ ପ୍ରତି ସର୍ବଦା ନିଷ୍ଠାବାନ ରହିବାକୁ ପ୍ରତିଜ୍ଞା ପାଠ କରିଥିଲେ। ସେହିପରି ଜିଲ୍ଲା ପରିଷଦ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସଭୁକ କେନ୍ଦ୍ରଠାରେ ମଧ୍ୟ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ଅଧ୍ୟକ୍ଷତାରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଦିବସର ଭାରତୀୟ ସମ୍ବିଧାନର ମହତ୍ତ୍ୱ ଓ ଏହାର ମୂଳ ଆଦର୍ଶ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବାବାସାହେବ ଡ. ବି.ଆର. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣୟନ ସମିତି ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରିଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଏବଂ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଓ ମର୍ଯ୍ୟାଦା ପ୍ରଦାନ କରିଛି ବୋଲି ମତବ୍ୟକ୍ତ କରିଥିଲେ।

ମହାନଗରରେ ସାହିତ୍ୟ ଉତ୍ସବ, ବହୁ ପାଠକ ପାଠିକାଙ୍କ ଯୋଗଦାନ



ବ୍ରହ୍ମପୁର ,୨୬।୧୧ (ଆନିସ): ଷ୍ଟେସନ୍ ରୋଡ୍ ସ୍ଥିତ ଫୁଡ୍ କୋଷ୍ଟା କାଫେରେ ପରିବାର-ଏ- ଅଲଫାବ୍ ଅନୁଷ୍ଠାନ ତରଫରୁ ପାଠକୀୟ ସମୀକ୍ଷାର ଏକ ସାହିତ୍ୟ ଉତ୍ସବ ଅନେକ ସାହିତ୍ୟକାରଙ୍କ ଉପସ୍ଥିତିରେ ସମାପନ ହୋଇଛି। ସୁଶ୍ରୀ ସ୍ୱାତୀ ରାଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନିସି ଅତିରିକ୍ତ ତହସିଲଦାର ଆପୂର୍ବ ରଞ୍ଜନ ଆଚି ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାଚୀନ ସାହିତ୍ୟ ସଂସଦ, ବ୍ରହ୍ମପୁର ର ପ୍ରତିଷ୍ଠାତା, ସୁସାହିତ୍ୟିକ ବଂଶୀଧର ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇନ୍ଦ୍ରଧନୁ ସାହିତ୍ୟ ସଂସଦର ମୁଖ୍ୟ ଆର୍ ସୁନନ୍ଦା ଚୌଧୁରୀ ଏବଂ ଆର୍ମି ସ୍କୁଲ ଶିକ୍ଷୟତ୍ରୀ ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ସୁଦୀପ୍ କୁମାର ସାହୁ ନିଜର ଭଜନ ଗାୟନରେ କାର୍ଯ୍ୟକ୍ରମ ପ୍ରାରମ୍ଭ କରିଥିବା ବେଳେ ଅତିଥି ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଲେଖକ ମାନଙ୍କ ସୃଷ୍ଟ ଅନେକ ପୁସ୍ତକର ସମୀକ୍ଷା ହୋଇଥିଲା । ଯୁବ ଉପସ୍ଥାପକ ସୁପ୍ରଜିତ ଏବଂ ଘନଶ୍ୟାମଙ୍କ ଉପସ୍ଥାପନାରେ ମଞ୍ଚ ସମ୍ବୋଧିତ ହେଉଥିବା ବେଳେ ଦିବ୍ୟ ମୋହନ ଏବଂ ନନ୍ଦ କିଶୋର ଚିତ୍ରଭୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରମିତା, ପ୍ରଣତି , ସୀତା ନାୟକ, ସଂଗ୍ରାମ କେଶରୀ ପାଢ଼ୀ, ଦିଲୀପ ତ୍ରିପାଠୀ, ସନତ କୁମାର ପାଣିଗ୍ରାହୀ , ଦିନେଶ ପ୍ରମୁଖ ଯୋଗ ଦେଇଥିଲେ ।ପରିଶେଷରେ ପୂଜା ରାଣୀ ପଣ୍ଡା କାର୍ଯ୍ୟକ୍ରମର ଆୟୋଜକ ତଥା ପରିବାର ଏ ଅଲ୍ଫାବ୍ର ପ୍ରତିଷ୍ଠାତା ଅବିନାଶ ମହାନ୍ତି ଏବଂ ଫୁଡ୍ କୋଷ୍ଟା କର୍ତୁପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିବା ପୂର୍ବକ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ ।

ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ ପାଳିତ



ପାରଳାଖେମୁଣ୍ଡି,୨୬।୧୧ (ଆନିସ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ ଭକ୍ତି, ନିଷ୍ଠା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି।ଏହି ପବିତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡଃ ତିରୁପତି ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଜି. ତିରୁପତି ରାଓ ଯୋଗଦେଇଥିଲେ। ଅତିଥିମାନଙ୍କ ଉପସ୍ଥିତି ଉତ୍ସବର ଗାରିମାକୁ ବୃଦ୍ଧି କରିଥିଲା।ଜନ୍ମୋତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳତାର ସହ ସମ୍ପନ୍ନ କରିବାରେ ଆୟୋଜକ ଓ ସ୍ୱେଚ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ମାଣବସା ପୂଜାର ମହନୀୟତା

ଧର୍ମ, ଐତିହ୍ୟ, ସଂସ୍କୃତିର ରାଜ୍ୟ ଓଡିଶା ଏକ ଆଧ୍ୟାତ୍ମିକ ପରମ୍ପରାର ରାଜ୍ୟ । ଓଡିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନେଇ ଅନେକ ପର୍ବ ପର୍ବାଣିରେ ମହିମା ମଣ୍ଡିତ ଆମ ଓଡିଶା । ପର୍ବ ପର୍ବାଣି , ଯାନି ଯାତରା , ଝୋଟି ଚିତା, ପିଠା ପଣା, ଓଷା ବ୍ରତ ଉତ୍ସଳର ବୈଶିଷ୍ଟ୍ୟ । ଭାରତୀୟ ସଂସ୍କୃତିରେ ମହାଲକ୍ଷ୍ମୀ ଧନ ଓ ପ୍ରାଚୁର୍ଯ୍ୟର ଦେବୀ ରୂପେ ପ୍ରତୀୟମାନ । ସେ ପରମାତ୍ମାଙ୍କ ଶକ୍ତି ରୂପେ ପୂଜିତା । ସେ ଅନ୍ନଦାତ୍ରୀ, ବିଷ୍ଣୁପ୍ରିୟା । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓଡିଆ ମାଣବସା ପୂଜା, ସୁଦଶା ବ୍ରତ ଉତ୍ସଳର ଘରେ ଘରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଆସିଛି କୋଉ ଆବାହମାନ କାଳରୁ । ଗଣନାକାରଙ୍କ ମତରେ ମାର୍ଗଶିର ମାସକୁ ପ୍ରଥମ ବା ଆଦ୍ୟମାସ ବୋଲି ପରିଗଣିତ କରାଯାଇଛି ।ଭାଗବତ ଗୀତାର ବିଭୂତି ଯୋଗରେ କୁହାଯାଇଛି– ମାସାନାଂ ମାର୍ଗଶୀର୍ଷୋଅହମ୍ ଅର୍ଥାତ ମାସମାନଙ୍କ ମଧ୍ୟରେ ମୁଁ ଅଟେ ମାର୍ଗଶିର । ଏହିମାସରେ ବିଷ୍ଣୁଙ୍କର ନାମ କେଶବ । ଏହିମାସ ବିଷ୍ଣୁ ବା ବା କୃଷ୍ଣଙ୍କର ସ୍ୱରୂପ ଅଟେ । ନକ୍ଷତ୍ର ଗଣନାରେ ଏହିମାସ ପୂର୍ଣ୍ଣମୀରେ ଚନ୍ଦ୍ର ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କରନ୍ତି ତେଣୁ ମଧ୍ୟ ମଙ୍କସର ନାମ ମାର୍ଗଶିର ।

ପୃଥିବୀର ପ୍ରତ୍ୟେକ ବସ୍ତୁରେ ଦୈବୀ ଶକ୍ତି ରହିଥିବା ଆମ ବିଶ୍ୱାସ । ଶକ୍ତି ହିଁ କଲ୍ୟାଣମୟୀ, ପାଳନକାରିଣୀ ପୁଣି ସଂହାରକାରିଣୀ । ଆଦ୍ୟାଶକ୍ତି ମହାଶକ୍ତି,ମହା ସରସ୍ୱତୀ,ମହାକାଳୀ, ମହାଲକ୍ଷ୍ମୀ ରୂପରେ ବିଦ୍ୟମାନ ହୋଇ ଭକ୍ତମାନଙ୍କୁ ସହାୟ ହୋଇଥାନ୍ତି । ଲକ୍ଷ୍ମୀଙ୍କୁ ନେଇ ଆମ ଓଡିଶାରେ ଅନେକ ପୂଜା ରହିଛି ଆଶ୍ୱିନ ପୂର୍ଣ୍ଣିମାରେ ଗଜଲକ୍ଷ୍ମୀ, ଦୀପାବଳୀରେ ଧନ ଓ ଐଶ୍ୱର୍ଯ୍ୟର ଦେବୀ, ଗୁରୁପଂଚମୀ ବ୍ରତ, ସୁଦଶା ବ୍ରତ ଏବଂ ମାଣବସା ପ୍ରଭୃତି ଅନେକ ପୂଜା ହୁଏ । ତନ୍ମଧ୍ୟରୁ ମାର୍ଗଶିର ମାସ ଗୁରୁବାର ଆସିଲେ ଓଡିଶାର ପୁରପଲ୍ଲୀରେ ମହକିଉଠେ ପବିତ୍ରତାର ବାସ୍ନା । ଘରଦ୍ୱାର ପରିଷ୍କାର, ପରିଚ୍ଛନ୍ନ କରି , ଗୋବରପାଣି ଛିଂଚି , ଗୋବରଲିପା ଅଗଣା ଉପରେ ବନମାଟି ଲିପା ହୋଇ , ତା ଉପରେ ଅରୁଆ ଚାଉଳକୁ ବଟୁରାଇ ବାଟି ପଡିଥାଏ ଲକ୍ଷ୍ମୀପୂଜାର ଚିତା, ଲକ୍ଷ୍ମୀପାଦ, ହାତୀ, କଳସ, ଧାନକେଣ୍ଡା, ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଚିତା ।ଯାହା ଓଡିଆ ଘରର ପ୍ରଥା ଓ ପରମ୍ପରା । ଘରେ ଘରେ ପିଠାପଣା ସାଙ୍ଗକୁ ପଂଚସଖା ଯୁଗର ବଳରାମ ଦାସଙ୍କ ଦ୍ୱାରା ଲିଖିତ ଲକ୍ଷ୍ମୀପୁରାଣର ମିଳିତ ସ୍ୱର ଭାସିଆସେ ଶୁକ୍ଳବସ୍ତ୍ର ପିନ୍ଧା ପାଦରେ ଅଳତାଲଗା ସଧବା ସ୍ତ୍ରୀମାନଙ୍କ କଣ୍ଠରୁ । ଜାତି, ବର୍ଣ୍ଣ, ଧର୍ମ ଠାରୁ ଉର୍ଦ୍ଧ୍ୱରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ସମସ୍ତେ କରନ୍ତି ଏହି ପୂଜା । ଲକ୍ଷ୍ମୀ ପୁରାଣ ଜାତି ଉପରେ ଗୁରୁତ୍ୱ ଦିଏନାହିଁ ବରଂ ଗୁରୁତ୍ୱ ଦିଏ ଆଚରଣ ପବିତ୍ରତା, ସ୍ୱଚ୍ଛତା ଉପରେ । ଅସ୍ପୃଶ୍ୟତା ନିବାରଣ, ଜାତିପ୍ରଥା ଲୋପ କରିବା, ଶ୍ରୀମନ୍ଦିରରେ ମୁଷ୍ଟିମେୟ ବ୍ରାହ୍ମଣମାନଙ୍କର ଉଗ୍ର ଆଚରଣ ବଳରାମ ଦାସଙ୍କୁ ବିଚଳିତ କରିଥିଲା ତେଣୁ ସେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରତ୍ନ ସିଂହାସନରୁ ଓହ୍ଲାଇ ଆଣିଥିଲେ ଶ୍ରୀୟା ଚଣ୍ଡାଳୁଣୀର ଭଙ୍ଗା କୁଟୀରକୁ । ଓଡିଆ ପରମ୍ପରାରେ ଧନଧାନ୍ୟ, ସୌଭାଗ୍ୟ, ପ୍ରାଚୁର୍ଯ୍ୟର ଦେବୀ ହେଉଛନ୍ତି ଲକ୍ଷ୍ମୀ । ସେ ସୁଦୟା ହେଲେ ଭଙ୍ଗା କୁଡିଆ ବି ହୋଇପାରେ ରାଜମହଲ । ସେ ସୁଦୟା ନ ହେଲେ ରାଜମହଲ ବି ସାଜିପାରେ ଭଙ୍ଗା କୁଡିଆ । ତେଣୁ ସେ ଦରିଦ୍ରଭଞ୍ଜନୀ । ସେ ଧର୍ମ, ଅର୍ଥ, କାମ, ମୋକ୍ଷ ଓଐଶ୍ୱର୍ଯ୍ୟର ଦେବୀ । ବିଷ୍ଣୁ ପତ୍ନୀ , ପରମାତ୍ମାଙ୍କ ଶକ୍ତି ରୂପରେ ପୂଜା ପାଆନ୍ତି ଶ୍ରୀ ମନ୍ଦିରରେ । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ ସହ ଶ୍ରୀ ଦେବୀ ଭାବରେ ପୂଜା ପାଉଛନ୍ତି । ସେ ସିନ୍ଧୁସୂତା, ପଦ୍ମାଳୟା, କମଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, କ୍ଷିରାବ୍ ଧୃତନୟା, ରମା, ସାଗରଦୁଲଣୀ,ଚଂଚଳା । ଲକ୍ଷ୍ମୀଙ୍କରଏହି ଦଶ ନାମରେ ଗଣ୍ଠି ପକାଇ ସୁଦଶା ବ୍ରତ ଧାରଣ କରିଥାନ୍ତି ଓଡିଆ ଘରର ବୋହୂମାନେ, ଶୁକ୍ଳଦଶମୀ ଗୁରୁବାର ସୁଦଶାବ୍ରତ ପଡିଲେ ।

ମାର୍ଗଶିର ମାସରେ ପଡେ ମାଣବସା ପ୍ରତ୍ୟେକ ଓଡିଆ ଘରର ପୂଜା । ଓଡିଶାରେ ମାର୍ଗଶିର ମାସ ଚାରିପାଳି ହୋଇଥାଏ ଲକ୍ଷ୍ମୀପୂଜା ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଏ ପୂଜାରେ ଜାତି ଅଜାତି କିଛି ବି ନାହିଁ । ମହାଲକ୍ଷ୍ମୀ ଧନ, ଅନ୍ନର ଦେବୀ । କୃଷିଭିତିକ ପର୍ବ ମାଣବସା । ଚାଷୀ ତା ଅମଳର ପ୍ରଥମ ଧାନ ମା କୁ ଅର୍ପଣ କରେ । ସେଥିପାଇଁ ମାଣବସା ଗୁରୁବାର ଆସିଲେ ପ୍ରତି ଓଡିଆଣି ଘରଦ୍ୱାର ଗୋବରରେ ଲିପାପୋଛା କରି ବନମାଟି ଲିପି ଅରୁଆ ଚାଉଳ ପିଠଉ ବାଟି ଲକ୍ଷ୍ମୀ ପାଦ ଚିତା ,ଷୋଳକ ପଦ୍ମ, ଧାନକେଣ୍ଡା, ମାଣଚିତା ଘର ଅଗଣାରୁ ଖଳାଯାଏଁ ଆଙ୍କିଥାଏ । ଶେଷପାଳି ଗୁରୁବାର ଦିନ ପ୍ରଭାତରୁ ସ୍ନାନ କରି , ମାଣ ଓ ଖଟୁଲିକୁ ଚିତା ଚନ୍ଦନ, ସିନ୍ଦୂର ଦେଇ ସଜାଏ । ଶୁକ୍ଳବର୍ଣ୍ଣ ଧାନ ମାଣରେ ଓ ଗୌଣିରେ ବିରି ରଖି, ଖଟୁଲିକୁ ବୋହୂ ରୂପେ ବସ୍ତ୍ର ପିନ୍ଧାଇ, ଗେଣ୍ଡୁଫୁଲ, ପଦ୍ମଫୁଲ , ଧାନମେଂଟା, ମୂଳା, ଆଖୁ, ସୋରିଷଫୁଲ , ଦୂବ , ବରକୋଳି ପତ୍ରରେ ସଜେଇଦିଏ । କଦଳୀ, ଛେନା, ନଡିଆ ଗୁଡ ଦହି, ଅଁଳା, କଂଟେଇକୋଳି ଥୋଇ ଚନ୍ଦନ, ସିନ୍ଦୂର ଲଗାଏ । ବଳରାମ ଦାସଙ୍କ ଲିଖିତ ମାଣବସା ଗୁରୁବାର ବା ଲକ୍ଷ୍ମୀ ପୁରାଣ ପଢ଼ି , ପିଠାପଣା , ଧୁପଦୀପ ଥୋଇ ସାଷ୍ଟାଙ୍ଗ ହୁଏ ଲକ୍ଷ୍ମୀ ମାତାଙ୍କୁ । ଭୋଗ ଖାଇ, ପାଦରେ ଅଳତା, ମଥାରେ ସିନ୍ଦୂର ନାଇ, ଶୁକ୍ଳବର୍ଣ୍ଣର ଲୁଗା ପିନ୍ଧି ଖୁବ୍ ନିଷ୍ଠାରେ ପାଳେ । ଏ ପୂଜା ସାମାଜିକ ଚଳଣିକୁ ଖୁବ୍ ପ୍ରାଧାନ୍ୟ ଦେଇଛି ଯେମିତିକି ଗୁରୁବାର ଦିନ ଅନେକ କଥା କରିବାକୁ ବାରଣ କରିଛି ଯଥା କ୍ଷୋର ହେବା, ଖଇ ନ ଭାଜିବା, ନଖରେ ଭୁମି ବିଦାରଣ ନ କରିବା , ଗୁରୁଜନଙ୍କୁ ଭକ୍ତି କରିବା ,ସେବା ମନୋଭାବ ରଖିବା, ଉଚ୍ଚନୀଚ ଭେଦଭାବ ନ ରଖିବା, ପତିଙ୍କୁ ମାନିବା ଇତ୍ୟାଦି ଆହୁରି ଅନେକ କଥା । ଯାହା ସମାଜକୁ ସଂସ୍କାର ମୂଳକ ଶିକ୍ଷା ଦେଇଛି ଲକ୍ଷ୍ମୀ ପୁରାଣ ମାଧ୍ୟମରେ । ମାଣବସା ଅସ୍ପୃଶ୍ୟତା ଦୂରୀକରଣ , ଜାତିଭେଦ ଲୋପ , ପୁରୁଷକୁ ପ୍ରାଧାନ୍ୟ ଦେବାର ହୀନମନ୍ୟତାକୁ ମହତ୍ୱ ପ୍ରଦାନ କରିଛି । କବି ଶ୍ରୀୟା ଚଣ୍ଡାଳୁଣୀ ମାଧ୍ୟମରେ ତଥାକଥିତ ସମାଜକୁ ସୁଧାରିବାକୁ ଚାହିଁଛନ୍ତି ରକ୍ଷଣଶୀଳ ମନୋଭାବରୁ । ଯେତେବେଳେ ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡି ନଗର ବୁଲି ଯାଇଛନ୍ତି ଅନେକ ଅସ୍ୱଚ୍ଛ ଜନିତ ଘଟଣାମାନ ନଗରସାରା ବୁଲି ଦେଖୁଛନ୍ତି କିନ୍ତୁ ଚାଣ୍ଡାଳ ସାହିରେ ପ୍ରବେଶ କରି ଯେତେବେଳେ ଦେଖୁଛନ୍ତି ଶ୍ରୀୟା ଚଣ୍ଡାଳୁଣୀର ବିଷ୍ଣୁ ଭକ୍ତି ପୂଜା ସେତେବେଳେ ପ୍ରସନ୍ନ ହୋଇ ବର ଯାଁଚିଦେଇଛନ୍ତି । ଏହି ସମୟରେ ଜଗନ୍ନାଥ ଓ ବଳଭଦ୍ର ମୃଗୟାରୁ ମନ୍ଦିରକୁ ଫେରି ଦେଖନ୍ତି ଲକ୍ଷ୍ମୀ ନାହାନ୍ତି । ବଳରାମ ଓ ଜଗନ୍ନାଥ ଲକ୍ଷ୍ମୀ ଅଚ୍ଛବ ଘରେ ପଶି ବାରଦୂଆର ବୁଲି ପୁଣି ମନ୍ଦିର ପଶୁଛି , ଛୁଆଁ ଅଛୁଆଁ କିଛି ବାରୁନାହିଁ ଜାଣିପାରି କ୍ଷୁବ୍ଧ ହୋଇ ଲକ୍ଷ୍ମୀଙ୍କୁ ମନ୍ଦିରରୁ ବିତାଡିତ କରିଛନ୍ତି । ପ୍ରତି ବଦଳରେ ମହାଲକ୍ଷ୍ମୀଙ୍କ କୋପ ଫଳରେ ବାରବର୍ଷ ଖାଦ୍ୟ ପାନୀୟ ନ ମିଳିବାର ଅଭିଶାପ ମଧ୍ୟ ପାଇଛନ୍ତି ଏବଂ କହିଛନ୍ତି – ମୁହିଁ ଚାଣ୍ଡାଳୁଣୀ ଯେବେ ଟେକିଦେବି ଅନ୍ନ ଭୋଜନ କରିବ ତୁମେ କାଳୀୟ ଗଞ୍ଜନ । ଜାତିପ୍ରଥା ବିଷୟରେ ସ୍ୱର ଉଠାଇଛନ୍ତି । ପ୍ରତ୍ୟେକ ମଣିଷ ମଧ୍ୟରେ ଭଗବାନ ଅଛନ୍ତି ବୋଲି ଲକ୍ଷ୍ମୀ ଶେଷରେ ପ୍ରମାଣିତ କରିଛନ୍ତି । ସେ ଏଥିପାଇଁ ବିଶ୍ୱକର୍ମା, ସରସ୍ୱତୀ, ବେତାଳ,ପଣ୍ଡା ପଢ଼ିଆରୀ ମାନଙ୍କର ସହାୟତା ନେଇ ପ୍ରଭୁ ସେବା ବନ୍ଦ କରିଦେଲେ । ଶେଷରେ ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଂଚିଲା ପରେ ପତ୍ନୀ ହିସାବରେ ପ୍ରଭୁଙ୍କ ପ୍ରତି ସମ୍ମାନ ଓ ପ୍ରେମ, ବିଚ୍ଛେଦ ଜନିତ ଅବସାଦକୁ ଶାନ୍ତ କରି ନିଜ ହାତରେ ରୋଷେଇ କରି ଆଦର ସହକାରେ ବାଢ଼ି ଦେଇଛନ୍ତି ଖାଦ୍ୟ ଯାହାକୁ ଖାଇ ତୃପ୍ତ ହୋଇଛନ୍ତି ଦୁଇଭାଇ ଏବଂ ଦୁଇ ଭାଇଙ୍କ ଦୋଷ କ୍ଷମା କରି ବଡଦେଉଳକୁ ଫେରିଯିବାକୁ କହିଛନ୍ତି । ଲକ୍ଷ୍ମୀ ସର୍ତ ରଖିଲେ, ଯଦି ତାଙ୍କ ମହାପ୍ରସାଦରେ ଚଣ୍ଡାଳ ଠାରୁ ବ୍ରାହ୍ମଣର ଅଧିକାର ରହିବ, ଜାତିଗୋତ୍ରର ଭେଦଭାବ ରହିବନି ମହାପ୍ରସାଦ ପାଇବାରେ କେହି ବି ବଂଚିତ ହେବେନାହିଁ ତେବେ ଯାଇ ସେ ମନ୍ଦିରକୁ ଯିବେ ଏହା କହିବାରୁ ଜଗନ୍ନାଥ ସମ୍ମତି ପ୍ରକାଶ କଲେ ଏବଂ ଜଗନ୍ନାଥ ଲକ୍ଷ୍ମୀଙ୍କ ବିବାଦର ସୂତ୍ରପାତ ହେଲା । ଲକ୍ଷ୍ମୀ ନାରୀର ସମ୍ମାନ, ମର୍ଯ୍ୟାଦା ପାଇ ଶ୍ରୀମନ୍ଦିରରେ ପ୍ରବେଶ କଲେ । ଜଗନ୍ନାଥ ବଳଭଦ୍ର ମଧ୍ୟ ମନ୍ଦିରକୁ ପ୍ରବେଶ କଲେ । ସେଦିନ ଠାରୁ ବ୍ରାହ୍ମଣ ଚଣ୍ଡାଳ, ଶୁଦ୍ରଙ୍କ ମନ୍ଦିର ପ୍ରବେଶ, ରଥଯାତ୍ରାରେ ସାମିଲ ହେବା ଓ ମହାପ୍ରସାଦ ସେବନ ପ୍ରଚଳିତ ହେଲା । ଛୁଆଁ ଅଛୁଆଁ ଭେଦଭାବ ଦୂର ହେଲା । ଜାତିଧର୍ମ ବର୍ଣ୍ଣର ବାଛବିଚାର ଯୁଗ ଯୁଗକୁ ଦେଖାଇଦେଲା ଯେ ମଣିଷ ମନ ପବିତ୍ର ସମସ୍ତଙ୍କ ଦେହରେ ଭଗବାନ ବିଦ୍ୟମାନ । ଆଚରଣ, ସଂଯମତା, ଶିଷ୍ଟାଚାର, ବ୍ୟବହାର , ସୁମିଷ୍ଟ ବଚନ ଚଣ୍ଡାଳକୁ ମଧ୍ୟ ସାଧୁତାରେ ପରିଣତ କରାଏ । ଏହା ଦ୍ୱାରା ଲକ୍ଷ୍ମୀ ପୂଜାର ଆଦର୍ଶ ଓ ମହନୀୟତା ପ୍ରତିପାଦିତ ହେଲା । ସମାଜରେ ପ୍ରତ୍ୟେକ ମଣିଷର ଆଦର୍ଶକୁ ସମ୍ମାନ କରାଗଲା ।

ଜୟଶ୍ରୀ ପଟ୍ଟନାୟକ
ଭୁବନେଶ୍ୱର

ପ୍ରାୟୋଜିତ ପତ୍ରର ୨୭୨ ଲେଖକ କ'ଣ ସାରା ଦେଶର ପ୍ରତିନିଧି?

ଦେଶର ୨୭୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏବେ ହଠାତ୍ ଜଣାପଡିଲା ଯେ ରାହୁଳ ଗାନ୍ଧୀ ସାମ୍ବିଧାନୀକ ସଂସ୍ଥା ବିରୋଧରେ ବିଷୋଦ୍‌ଗାର କରୁଛନ୍ତି ଯାହା ଦେଶ ପାଇଁ ଶୁଭଙ୍କର ନୁହେଁ ଏ କଥା ମନେପଡିବା ମାତ୍ରେ ଏହି ୨୭୨ ବିଶିଷ୍ଟ ବ୍ୟକ୍ତିମାନେ ରାହୁଳ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ମିଳିତ ଭାବେ ଏକ ପତ୍ର ଲେଖିଛନ୍ତି। ପତ୍ରରେ ଲେଖାଯାଇଛି ଯେ ରାହୁଳ ରାଷ୍ଟ୍ରୀୟ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ତଥ୍ୟହୀନ ଅଭିଯୋଗ କରୁଛନ୍ତି ଓ ଦେଶରେ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି । ଏହି ପତ୍ରରେ ମହାମାନବ ମାନେ ଲେଖିଛନ୍ତି ଯେ ବିରୋଧିଦଳର କିଛି ନେତା ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି । ନ୍ୟାୟପାଳିକାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଛନ୍ତି । ସଂସଦର ସମ୍ବିଧାନ ସମ୍ମତ କାର୍ଯ୍ୟକୁ ବିରୋଧ କରୁଛନ୍ତି । ଏପରିକି ସେନାର ବାହାଦୁରୀ ଏବଂ ଉପଲବ୍ଧିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି । ପତ୍ର ଲେଖିଥିବା ଏହି ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଛନ୍ତି ୧୬ଜଣ ଅବସରପ୍ରାପ୍ତ ବିଚାରପତି, ୧୨୩ ଜଣ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ୧୨୩ ଜଣ ଅବସପ୍ରାପ୍ତ ସେନା କର୍ମଚାରୀ । ଏମାନେ ଦସ୍ତଖତ କରିଥିବା ଖୋଲାପତ୍ରରେ ଲେଖିଛନ୍ତି ଯେ ବିରୋଧି ଦଳ ନେତା ନିର୍ବାଚନରେ ତାଙ୍କଦଳ ବାରମ୍ବାର ହାରିବା ପରେ ଏଭଳି ନକାରାତ୍ମକ କାର୍ଯ୍ୟ କରୁଛନ୍ତି ପତ୍ରରେ ଏହି ମହାମାନବ ମାନେ ନିର୍ବାଚନ କମିଶନଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ ସମାଜ ଓ ସାଧାରଣ ନାଗରିକ ମାନଙ୍କୁ ନିବେଦନ କରିଛନ୍ତି । ପତ୍ରରେ ସେନା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଉପରେ ପ୍ରଗାଢ଼ ବିଶ୍ୱାସ କରାଯିବା ଉଚିତ ବୋଲି କୁହାଯିବା ସହ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ପ୍ରକାରାନ୍ତରେ ପ୍ରଶଂସା କରାଯାଇଛି ।

ଏହି ୨୭୨ ବ୍ୟକ୍ତି ବିଶେଷଙ୍କର ହଠାତ୍ ଏପରି ପତ୍ର ଲେଖିବା ଘଟଣାକୁ ନେଇ କେତେକ ଜାତୀୟସ୍ତରର ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ବିଭିନ୍ନ କଥା ପ୍ରକାଶ ପାଉଛି । ବିଗତ ଦିନରେ କୃଷକ ଆନ୍ଦୋଳନ ବେଳେ ଏମାନେ କେବେ ମୁହଁ ଖୋଲିନଥିଲେ କି ଘଟଣା ପାଇଁ ଏମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ନଥିଲା କରୋନା ମହାମାରୀ ବେଳର ଅବ୍ୟବସ୍ଥାରେ ହେଉ ବା ପହଲଗାଓଁ ମାମଲା ଏପରିକି ବିମୁଦ୍ରୀକରଣ ପରେ ବ୍ୟାଙ୍କ ଆଗରେ ଲମ୍ବା ଧାଡିରେ ଭୋକ ଉପସରେ ଠିଆହୋଇ ଯେଉଁ କେତେକ ଲୋକଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ଏମାନଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇଥିଲା ବୋଧହୁଏ ? ଏମାନେ ଏସବୁ କଥା ଦେଖିପାରିନଥିଲେ । ୨୦୨୩ ମସିହାରେ ୭୮ ସାଂସଦଙ୍କୁ ନିଲମ୍ବିତ କରାଯିବା ପରେ ଅନେକ ବିଧେୟକ ଗୃହୀତ କରାଯାଇଥିବା କଥା ଏମାନେ ଜାଣିଛନ୍ତି ନା ନାହିଁ? ଏମିତି ଅନେକ କଥା ରହିଛି ଦେଶରେ ବେରୋଜଗାର, ଦରଦାମ ବୃଦ୍ଧି ଭଳି ମଧ୍ୟ ଅନେକ ସମସ୍ୟା ରହିଛି ଯାହା ସବୁ ଏମାନଙ୍କ ନଜରକୁ ଆସୁନାହିଁ। ନିର୍ବାଚନୀ ବଣ୍ଡ ବାବଦରେ ଏହି ଖୋଲା ପତ୍ର ଲେଖିଥିବା ବିଦ୍ୱାନ ମାନେ ମୁହଁ ଖୋଲିନଥିଲେ ଲେଖକ, ସାହିତ୍ୟିକ, ସାମ୍ବାଦିକ ଏବଂ ସାମାଜିକ କର୍ମକର୍ତ୍ତାଙ୍କୁ ଜେଲରେ ପୁରାଯାଉଛି ଏହି ୨୭୨ କ'ଣ ଏକଥା ଜାଣିନାହାଁନ୍ତି ନା ଜାଣିବାକୁ ଚେଷ୍ଟା କରିନାହାଁନ୍ତି? ଅସହମତି ଜାହିର କରି କେତେ ଯେ ଜେଲରେ ସଡୁଛନ୍ତି ସେ କଥା ଜଣାନାହିଁ । କିନ୍ତୁ ସବୁ ନିର୍ବାଚନ ବେଳେ ରାମ– ରହୀମ ଭଳି ଅପରାଧିଙ୍କୁ ପାରୋଲରେ ଜେଲରୁ ବାହାର କରାଯାଉଛି । ଆଶାରାମଙ୍କୁ ଜାମିନ ମିଳିଯାଉଛି । ହଜାର ହଜାର କୋଟିର ଠକେଇ (ଘୋଟାଲା) କରିଥିବା ଲୋକେ ମଜାରେ ବୁଲୁଛନ୍ତି । ଶିଳ୍ପପତିଙ୍କ ଲକ୍ଷଲକ୍ଷ କୋଟି ଟଙ୍କା ଛାଡ କରାଯାଉଛି । ଏବାବଦରେ କ'ଣ ଏହି ୨୭୨ ପତ୍ର ଲେଖକ ବିଦ୍ୱାନ ମାନେ ଅନଭିଜ୍ଞ କି? ଏମାନେତ କେବେ ଏସବୁ ପ୍ରସଙ୍ଗରେ ପତ୍ର ଲେଖିନାହାଁନ୍ତି? ବିନା ସ୍ୱାର୍ଥରେ ଲେଖିବେ ବା କାହିଁକି?

ଖୋଲାପତ୍ର ଲେଖିଥିବା ଏହି ୨୭୨ ଜଣଙ୍କର ଅତୀତ କ'ଣ, ସେମାନେ କେତେ ନିରପେକ୍ଷ ଥିଲେ ଓ କିଏ କ'ଣ କରିଛନ୍ତି ସେ ବାବଦରେ ଅଧିକ ଆଲୋଚନା ଅନାବଶ୍ୟକ ଅଟେ । ଏମାନଙ୍କ ଅତୀତ ବାବଦରେ ତର୍ଜମା କଲେ ଅନେକ କଥା ନଜରକୁ ଆସିଯିବ । ଏହି ୨୭୨ଙ୍କ ଜନ୍ମକୁଣ୍ଡଳୀ ଖୋଲିଲେ ଏମାନଙ୍କ ପ୍ରକୃତ ସ୍ୱରୂପ ଦେଖି ଭାରତମାତା ମଧ୍ୟ ଚମକି ଉଠିବେ । ରାହୁଳ ଗାନ୍ଧୀ ଏବଂ ବାକି କିଛି ନେତାଙ୍କ ଭତ୍ସନାର ଏହି ଖୋଲା ଚିଠି ବା ଖୋଲା ପତ୍ର ଲେଖି ଏମାନେ ଆନନ୍ଦିତ ବୋଧହୁଏ ? ଏଭଳି ପ୍ରାୟୋଜିତ କାର୍ଯ୍ୟ ଯିଏ ବି କରାଇଛି ସେ ଦେଶର କଲ୍ୟାଣ କରିଛି ୨୭୨ଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହୋଇଯାଇଛି ଏମାନଙ୍କୁ କେହି ପଚାରିବା ଦରକାର ଯେ ୨୦୨୪ ଲୋକସଭା ନିର୍ବାଚନରେ ରାହୁଳଙ୍କ କଂଗ୍ରେସ ଦଳକୁ ମିଳିଥିବା ୧୩ କୋଟି ୬୭ଲକ୍ଷ ଭୋଟରଙ୍କ ସମର୍ଥନ ବାବଦରେ ଏମାନଙ୍କର ମତ କ'ଣ ?

ଏବେ ଏହି ପ୍ରସଙ୍ଗରେ ଲେଖିବା ବେଳକୁ ଦେଶର ଜନସଂଖ୍ୟା ୧୪୬ କୋଟିରୁ ଅଧିକ ହୋଇଗଲାଣି ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ୨୭୨ ମହାମନିଷୀ କ'ଣ ପ୍ରତ୍ୟେକେ ୫୩–୫୪ ଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରୁଛନ୍ତି କି? ଯଦି କରୁଛନ୍ତି ତେବେ ଏ ଖୋଲାପତ୍ର କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

ଏହି ପତ୍ର ଲେଖିବା ପୁର୍ବରୁ ଏମାନେ ମଧ୍ୟ ଜାଣିବା କଥା ଯେ ଗଣତନ୍ତ୍ର ଏକପକ୍ଷୀୟ ବ୍ୟବସ୍ଥା ନୁହେଁ ସାମ୍ବିଧାନୀକ ସଂସ୍ଥାର ଭୂମିକା ନିରପେକ୍ଷ ଏବଂ ଗଣତାନ୍ତ୍ରିକ ହେବା ଆବଶ୍ୟକ ଏହି ସଂସ୍ଥାମାନଙ୍କ ଦୃଷ୍ଟିରେ ସମସ୍ତେ ସମାନ ହେବା ଆବଶ୍ୟକ ବିଗତ କିଛି ବର୍ଷ ହେବ କାର୍ଯ୍ୟପାଳିକା ସମଦର୍ଶୀ ହୋଇ ରହିନାହିଁ । ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଏ, କିନ୍ତୁ ଏବେ ଜାତୀୟ ସ୍ତରର ଅନେକ ଗଣମାଧ୍ୟମ ଶାସ୍ତ୍ର ବିରୁଦ୍ଧ କର୍ମକାଣ୍ଡର ଦରଓ୍ୟାନ ପାଲଟିଯାଇଚନ୍ତି । ପତ୍ର ଲେଖିଥିବା ଏହି ପୂର୍ବତନ ମାନେ ଦେଶ ନୁହଁନ୍ତି ଦେଶ ଏମାନଙ୍କୁ ନେଇ ଯେଉଁମାନେ କେବେ ବିଚାରପତି ହୋଇ ନାହାଁନ୍ତି, କେବେ ବରିଷ୍ଠ ଅଧିକାରୀ ହୋଇ ନାହାଁନ୍ତି କିମ୍ବା ସେନାର ଅଧିକାରୀ ଭାବେ କାର୍ଯ୍ୟକରି ଅବସର ନେଇନାହାଁନ୍ତି । ଦେଶର ଜନସାଧାରଣ ନ୍ୟାୟ ପ୍ରିୟ ଜନସାଧାରଣ କାର୍ଯ୍ୟପାଳିକାର ଅନୁଶାସନରେ ବନ୍ଧା ଏବଂ ଏମାନଙ୍କ ଭିତରେ ସେନାର ଶୌର୍ଯ୍ୟ ମଧ୍ୟ ରହିଛି । ଏଣୁ ବିରୋଧି ଦଳମାନଙ୍କୁ ସମାଲୋଚନା କରିଥିବା ଲୋକେ ଗଣତାନ୍ତ୍ରିକ ବ

ବିଶ୍ୱନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ସାମାଜିକ ନ୍ୟାୟ ଓ ଗରିବଙ୍କ କଲ୍ୟାଣ ସମ୍ବିଧାନର ମୂଳ ଲକ୍ଷ୍ୟ

ବ୍ରହ୍ମପୁର, ୨୬।୧୧ (ଆନିସ): ବିଶ୍ୱ ମଞ୍ଚରେ ସାମାଜିକ ଶକ୍ତିଶାଳୀ ପ୍ରଭାବଶାଳୀ ବିଚାର ରଖିବା ପାଇଁ ଭାରତ ଗଣତନ୍ତ୍ର ସମର୍ଥ । ସମୃଦ୍ଧିଶାଳୀ ଭାରତ ସାରା ପୃଥିବୀକୁ ଆକର୍ଷିତ କରେ ଆମେ ଗୋଟିଏ ସମ୍ବିଧାନ କୁ ସମ୍ମାନ ଜଣାଇବା ସହ ସାମାଜିକ ଓ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ର ରେ ବିଶାଲ ଦେଶ କୁ ସୁରକ୍ଷିତ ରଖିବା ଏହା ହିଁ ସମ୍ବିଧାନ ଦିବସ ର ସାର ବୋଲି ମୁଖ୍ୟ ଅତିଥି ବ୍ରହ୍ମପୁର ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ ନିଜ ବକ୍ତବ୍ୟ ପ୍ରଦାନ କରି କହିଥିଲେ ।

ସମ୍ବିଧାନ ଦିବସ ପାଳନ ଅବସରରେ ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଭାରତ ସମ୍ବିଧାନ ନିର୍ମାଣରେ ଯୋଗଦାନ ଥିବା ମହାନ ମନିଷୀ ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ଆଲୋଚନା ଚକ୍ର ରେ ବ୍ରହ୍ମପୁର ସହର ର ଗୁଣୀ ଜ୍ଞାନୀ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଥିଲେ।



ବିଶ୍ୱନାଥ ଦାସ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡାକ୍ତର ସାଗର ରଂଜନ ତ୍ରିପାଠୀ ଙ୍କ ସଂଯୋଜନା ରେ ଏବଂ ସଂସଦ ର ସଭାପତି ବରିଷ୍ଠ ଶିକ୍ଷାବିତ୍ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ସଭାପତିତ୍ୱ ରେ ଆଜି ଅନୁଷ୍ଠିତ ସମ୍ବିଧାନ ଦିବସରେ ବିଭିନ୍ନ ରାଜନୈତିକ ଦଳର ନେତା ଯୋଗ ଦେଇ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରି ଥିଲେ । ସଭାରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡ ପ୍ରଦୀପ ପାଣିଗ୍ରାହୀ ଙ୍କ ସମେତ ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦାନ କରି ସମ୍ବିଧାନର ମୂଳଲକ୍ଷ୍ୟ ଓ ମୂଳ ଭାନା ଗୋଟିଏ ଦେଶ ଗୋଟିଏ ସମ୍ବିଧାନ ଗୋଟିଏ ବିଚାର ସମୃଦ୍ଧ ଭାରତ ଗଢ଼ିବା ବୋଲି କହିଥିଲେ।ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ କହିଥିଲେ ଯେ ନାଗରିକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସୁସମ୍ପର୍କ ରକ୍ଷା କରିବା ପାଇଁ ସମ୍ବିଧାନ ଦିବସ ପାଳନ ଅବସରରେ ସମ୍ବିଧାନର ଗୁରୁତ୍ୱ ପୂର୍ଣ୍ଣ ଦିଗ ଗୁଡିକ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ସମ୍ବିଧାନ ନିର୍ମାଣରେ ପ୍ରତିନିଧିତ୍ୱ କରିଥିବା ମହାନ୍ ବିଭୂତି ବିଶ୍ୱନାଥ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ କହିଥିଲେ ଯେ ସାମାଜିକ ନ୍ୟାୟ ଓ ଗରିବ ଲୋକଙ୍କ ପାଇଁ କଲ୍ୟାଣ ପାଇଁ ଲୋକତନ୍ତ୍ର ର ଆଧାରଶୀଳା ସମ୍ବିଧାନ ଏବଂ ଗଣତନ୍ତ୍ର ରାଷ୍ଟ୍ର ଭାରତର ପବିତ୍ର ଗ୍ରନ୍ଥ। ଦୀର୍ଘ ବର୍ଷ ଧରି ଆମ ଦେଶର ଅଖଣ୍ଡତା ଓ ସଂହତି ପାଇଁ ପ୍ରେରଣା ଦେଇ ଆସୁଚି ଏ ପବିତ୍ରି ଚାର ସହ ଆଗକୁ ବଢ଼ିବା ପାଇଁ ସମ୍ବିଧାନ ଶୀର୍ଷ ରେ ରହିଛି ରହିବ ବୋଲି ପ୍ରଫେସର ଚୌଧୁରୀ କହିଥିଲେ।

ପ୍ରାରମ୍ଭରେ ସଂପାଦକ ଭାବେ ଡାକ୍ତର ସାଗର ରଞ୍ଜନ ତ୍ରିପାଠ ସମ୍ବିଧାନ ନିର୍ମାଣ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କ ରେ ଆଲୋଚନା କରିବା ସହିତ ବିଶ୍ୱନାଥ ଦାସ ଙ୍କ ବିଚାର ଯେ କୌଣସି ବ୍ୟକ୍ତି ହୃଦୟ ଜିଣି ନେବାକୁ ସମର୍ଥ ଥିଲେ ବିଶ୍ୱନାଥ ଦାସ ତାଙ୍କର ସରଳତା ସାଧୁତା ବ୍ୟବହାର ରେ ଜଣେ ଓଡ଼ିଆ କିପରି ଓଡ଼ିଶା ଏବଂ ରାଜ୍ୟ ବାହାରେ ସୁନାମ ଅର୍ଜନ କରିବା ପାଇଁ ସମର୍ଥ ହେଲେ ଯେ କେହି ଗର୍ବ କରିବାକେବଳ ତାଙ୍କର ଅହଂକାର ମୁକ୍ତ ଜୀବନ ଯାପନର କାହାଣୀ ବିରଳ।

ଆଜି ସମ୍ବିଧାନ ଦିବସ ପାଳନ ର ଅନ୍ୟ ମାନଙ୍କ ପରିବେଶ ପ୍ରେମୀ ପୂର୍ବତନ କାନ୍ତୁ ନିଗମ ଅଧ୍ୟକ୍ଷ ସୁଭାଷ ମହାରଣା ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ବିଶିଷ୍ଟ ଶିକ୍ଷାବିତ ବିରୁପାକ୍ଷ ଦାଶ , ରମେଶ ଚରଣ ତ୍ରିପାଠୀ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି କବି ହୃଷୀକେଶ ଦାଶ ଯୋଗ ଦେଇ ଆଲୋଚନା କରି କହି ଥିଲେ ଯେ ବିଶ୍ୱନାଥ ଦାସ ଙ୍କ ପରି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟ ମନ୍ତ୍ରୀ ସମ୍ବିଧାନ ନିର୍ମାଣ ସଦସ୍ୟ ବିଶ୍ୱନାଥ ଦାସ ଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ଏବଂ ସରକାର ରାଜ୍ୟ ସ୍ତର ରେ ତାଙ୍କ ଜୟନ୍ତି ପାଳନ କରିବା ପାଇଁ ଯଥାର୍ଥ ଦାବୀ ବୋଲି କହିଥିଲେ।

ବ୍ରହ୍ମପୁର ସହରର ବହୁ ବିଶିଷ୍ଟ ବ୍ୟକ୍ତି ମଙ୍କ ମଧ୍ୟରେ ଟି ଗୋପୀ, ଡ ଗୋବିନ୍ଦ ଚନ୍ଦ୍ର ବେହେରା, ବାଳକୃଷ୍ଣ ସାମନ୍ତରା, ଡ ସମରେନ୍ଦ୍ର ସାହୁ, ଶିବପ୍ରସାଦ ମିଶ୍ର, ଡ ମଧୁସୂଦନ ସାହୁ, ବାବୁଲ ପାତ୍ର, ରମା ରମଣ ପ୍ରହରାଜ, ଶାନ୍ତନୁ କୁମାର ବରାଡ ପ୍ରମୁଖ ଯୋଗ ଦେଇ ଥିଲେ। ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ ଦାସ ସମ୍ବିଧାନ ନିର୍ମାଣ ବିଷୟ ରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଅଜିର ଏହି କାର୍ଯ୍ୟକ୍ରମ ରେ ବନ୍ଦେ ମାତରଂ ଓ ବନ୍ଦେ ଉତ୍କଳ ଜନନୀ ଗାନ ସହ କରାଯାଇ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇ ଥିଲା।ଏହା ପରେ ମହାରାଜ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ଙ୍କ ପ୍ରତିମୂର୍ତ୍ତି ରେ ବିଶ୍ୱନାଥ ଦାସ ସ୍ମୃତି ସଂସଦ ତରଫରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।

କୋଟିଆରେ ଆନ୍ଧ୍ରର ନିର୍ବାଚନ ରୋକିବାକୁ ଓଡ଼ିଶାର ପ୍ରସ୍ତୁତି

୧୨ ପ୍ରାର୍ଥୀପତ୍ର ଦାଖଲ, ମୁତୟନ ହେବେ ୨୫ ପ୍ଲାଟୁନ ପୋଲିସ



ଜୟପୁର,୨୬।୧୧ (ଆନିସ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ସୀମା ବିବାଦ ତୀବ୍ର ହେଉଥିବା ବେଳେ ଆନ୍ଧ୍ରର ନିର୍ବାଚନୀ ପ୍ରସ୍ତୁତିକୁ ନେଇ ଓଡ଼ିଶା ସରକାର ଓ କୋରାପୁଟ ଜିଲ୍ଲା ପ୍ରଶାସନ ସଜାଗ ହୋଇଛନ୍ତି। କୋଟିଆରେ ଆନ୍ଧ୍ର ପକ୍ଷରୁ ନିର୍ବାଚନ କରାଇବା ଉଦ୍ୟମକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚେକ୍‌ପୋଷ୍ଟ ସ୍ଥାପନ ସହ ପୋଲିସ ମୁତୟନ କରାଯାଇଛି। ଆନ୍ଧ୍ର ପକ୍ଷରୁ ପୂର୍ବରୁ ୫୮ ଜଣ ପ୍ରାର୍ଥୀ ପ୍ରାର୍ଥପତ୍ର ଦାଖଲ କରିଥିବା ଦାବି କରାଯାଇଥିଲା। ଏଥିରେ ୧୨ ଜଣ ସରପଞ୍ଚ ଓ ୪୬ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ଥିବା କୁହାଯାଇଥିଲା। ତେବେ କୋରାପୁଟ ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ପ୍ରକୃତରେ ମାତ୍ର ୧୨ ଜଣ ପ୍ରାର୍ଥୀ ପ୍ରାର୍ଥପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୨ ଜଣ ସରପଞ୍ଚ ପ୍ରାର୍ଥୀ ରହିଥିବା ବେଳେ ଅନ୍ୟମାନେ ୱାର୍ଡ ସଭ୍ୟ ପଦ ପାଇଁ ନାମାଙ୍କନ କରିଥିଲେ। ଉଭୟ ସରପଞ୍ଚ ପ୍ରାର୍ଥୀ ପ୍ରାର୍ଥପତ୍ର ପ୍ରତ୍ୟାହାର କରିସାରିଥିବା ବେଳେ ଅନ୍ୟ ପ୍ରାର୍ଥୀଙ୍କ ପ୍ରତ୍ୟାହାର ନେଇ ମଧ୍ୟ ଉଦ୍ୟମ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଡିସେମ୍ବର ୧ ଓ ୨ ତାରିଖରେ କୋଟିଆରେ କୋଟିଆ ପରବ ଆୟୋଜନ ହେବ। ଏହି ଅବସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି କୋରାପୁଟ ଅତିରିକ୍ତ ଏସ୍‌ପି ମନୋଜ ପୂଜାରୀ ସୂଚନା ଦେଇଛନ୍ତି। କୋଟିଆରେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ୧୧ ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେମାନଙ୍କୁ କୋର୍ଟରେ ହାଜର ହେବାକୁ କୁହାଯାଇଛି। ସେମାନଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ହେବ, ତାହା କୋର୍ଟଙ୍କ ବିଚାର ପରେ ସ୍ପଷ୍ଟ ହେବ। କୋଟିଆରେ ଶାନ୍ତି ବଜାୟ ରଖିବା ସହ ଅଞ୍ଚଳର ପ୍ରଶାସନିକ ଅଧିକାରକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଜାରି ବିବାଦ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ଆନ୍ଧ୍ରର ନିର୍ବାଚନୀ ଉଦ୍ୟମ ଏବଂ ଓଡ଼ିଶା ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

କୋଟିଆକୁ ବଦନାମ କରିବାକୁ ଅପପ୍ରଚାର!

୪ ଜଣଙ୍କ ଅପହରଣ ଅଭିଯୋଗକୁ ଖଣ୍ଡନ କଲେ ଅଭିଯୁକ୍ତ ବ୍ୟକ୍ତି, ସ୍ପଷ୍ଟ କଲା କୋରାପୁଟ ପୋଲିସ



ଜୟପୁର,୨୬।୧୧ (ଆନିସ): କୋଟିଆକୁ ନେଇ ଓଡ଼ିଶା–ଆନ୍ଧ୍ର ମଧ୍ୟରେ ସୀମା ବିବାଦ ଜାରି ରହିଥିବା ବେଳେ ଅଞ୍ଚଳର ସୁରକ୍ଷା ପାଇଁ ସଜାଗ ରହିଛି କୋରାପୁଟ ପୋଲିସ। ଏହି ସମୟରେ କୋଟିଆର ୪ ଜଣଙ୍କୁ ବୋଲେରୋ ଗାଡ଼ିରେ ଆସି ପୋଲିସ ପରିଚୟ ଦେଇ ଅପହରଣ କରାଯାଇଥିବା ନେଇ ଆନ୍ଧ୍ରର ସାଲୁର ଥାନାରେ ଅଭିଯୋଗ ହୋଇଥିଲା। ଅପହୃତଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଗେମେଲ ବିଶ୍ୱୁ ଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଥିଲା।ତେବେ ଏହି ଅଭିଯୋଗକୁ ନିଜେ ଖଣ୍ଡନ କରିଛନ୍ତି ପୂର୍ବତନ ସରପଞ୍ଚ ଗେମେଲ ବିଶ୍ୱୁଙ୍କ ସମେତ ଅନ୍ୟ ୩ ଜଣ। ସେମାନେ ନିଜ ଇଚ୍ଛାରେ ବନ୍ଧୁଙ୍କ ଘରକୁ ଯାଇଥିଲେ ଏବଂ କୌଣସି ପୋଲିସ ସେମାନଙ୍କୁ ଜୋରଜବରଦସ୍ତ ଉଠାଇ ନେଇନଥିବା ସ୍ପଷ୍ଟ କରିଛନ୍ତି।ଅନ୍ୟପକ୍ଷରେ କୋରାପୁଟ ପୋଲିସ ମଧ୍ୟ ଏହି ଘଟଣାରେ ନିଜର ସ୍ଥିତି ସ୍ପଷ୍ଟ କରିଛି। ଅପହରଣ ଅଭିଯୋଗ ସହ କୋରାପୁଟ ପୋଲିସର କୌଣସି ସମ୍ପୃକ୍ତି ନଥିବା ଅତିରିକ୍ତ ଏସପି ମନୋଜ ପୂଜାରୀ କହିଛନ୍ତି। କୋଟିଆରେ ଅନୁପ୍ରବେଶ ରୋକିବା ସହ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପକ୍ଷରୁ ନିୟମିତ ପାଟ୍ରୋଲିଂ ଓ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ସୀମା ବିବାଦ ମଧ୍ୟରେ ଏଭଳି ଅପହରଣ ଅଭିଯୋଗ ଓ ପରବର୍ତ୍ତୀ ସ୍ପଷ୍ଟୀକରଣକୁ ନେଇ ଅଞ୍ଚଳରେ ଚର୍ଚ୍ଚା ବଢ଼ିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ବଦନାମ କରିବା ପାଇଁ ଆନ୍ଧ୍ର ପକ୍ଷରୁ ଷଡ଼ଯନ୍ତ୍ର କରାଯାଉଥିବା ନେଇ ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ଏଭଳି ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ–୧, ମାଲକାନଗିରିରେ ସମ୍ବିଧାନ ଦିବସ ପାଳିତ



ମାଲକାନଗିରି, ୨୬।୧୧ (ଆନିସ): ମାଲକାନଗିରିସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ–୧ ପରିସରରେ ୨୬ ନଭେମ୍ବର ୨୦୨୬ ତାରିଖରେ ସମ୍ମାନନୀୟ ମୁଖ୍ୟ ଅତିଥି ଡ. ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ୱାଇ. ଶ୍ରୀନିବାସ ରାଓଙ୍କ ଗରିମାମୟ ଉପସ୍ଥିତିରେ ସମ୍ବିଧାନ ଦିବସ ମହାସମାରୋହରେ ପାଳିତ ହୋଇଥିଲା।

କାର୍ଯ୍ୟକ୍ରମର ଆରମ୍ଭରେ ଭାରତୀୟ ସମ୍ବିଧାନର ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।। ଏହାପରେ ଛାତ୍ରଛାତ୍ରୀମାନେ ସମ୍ବିଧାନର ମହତ୍ତ୍ୱ ଉପରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହ ସମସ୍ତେ ମିଳିତ ଭାବେ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ।

ଉପସ୍ଥିତ ଅତିଥିମାନେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ମୌଳିକ ଅଧିକାର ଓ କର୍ତ୍ତବ୍ୟ ତଥା ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ନିଜର ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ମହାନ ଆଦର୍ଶକୁ ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ଶ୍ରୀଦେବୀ ଆଚାର୍ଯ୍ୟ (ପିଜିଟି, ଅର୍ଥନୀତି), ଶ୍ରୀ ରମନଦୀପ ସିଂହ (ଟିଜିଟି, ହିନ୍ଦୀ) ଏବଂ ଶ୍ରୀ ଜୟନ୍ତ ନାୟକ (ପିଜିଟି, ଭୂଗୋଳ) ସୁଚାରୁ ରୂପେ ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ–ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା ରହିଥିଲା।

ମୋଟରସାଇକେଲ ଦୁର୍ଘଟଣାରେ ଯୁବକ ମୃତ

ବେଲଗୁଣ୍ଡା,୨୬।୧୧ (ଆନିସ):ବେଲଗୁଣ୍ଡା ଥାନା ଅନ୍ତର୍ଗତ ଗୋଠଳି ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି ଏକ ମର୍ମନ୍ତୁଦ ମୋଟରସାଇକେଲ ଦୁର୍ଘଟଣା। ଏଥିରେ ରଙ୍କନିଧି ପ୍ରଧାନ (୪୫)ଙ୍କ ମୃତ୍ୟୁ ଘଟିଛି। ସେ ଗ୍ରାମର ଉତ୍ସବ ପ୍ରଧାନଙ୍କ ପୁଅ ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ରଙ୍କନିଧି କୌଣସି କାମରେ ମୋଟରସାଇକେଲ ଯୋଗେ ବେଲଗୁଣ୍ଡା ଆସିଥିଲେ। କାମ ସାରି ଦିନ ପ୍ରାୟ ୧୧ଟା ୨୦ ମିନିଟ୍? ସମୟରେ ନିଜ ଗ୍ରାମକୁ ଫେରୁଥିବା ବେଳେ ବେଲଗୁଣ୍ଡା ସହରଠାରୁ ମାତ୍ର ୧୦୦ ମିଟର ଦୂର ବିଶ୍ୱନାଥ ବିହାର ଛକ ନିକଟରେ ରାସ୍ତାକଡ଼ରେ ରଖାଯାଇଥିବା ଏକ ଷ୍ଟୁଟିକୁ ତାଙ୍କ ମୋଟରସାଇକେଲ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍?ରୁ ଛିଟିକି ପାଖରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ପୋଲିସକୁ ସୂଚନା ଦେଇଥିଲେ। ବେଲଗୁଣ୍ଡା ଥାନା ଏଏସଆଇ ପ୍ରମୋଦ ଚଟି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ବେଲଗୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲ ଓ ଷ୍ଟୁଟିକୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି।

୭୭ତମ ସମ୍ବିଧାନ ଦିବସ ପାଳିତ

ମ.ରାମପୁର,୨୬।୧୧(ଆନିସ): କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ସଭାଗୃହ ଠାରେ ବ୍ଲକ ତରଫରୁ ୭୭ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ,ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପଦ୍ମ ଲୋଚନ ମିଶ୍ର,ମ.ରାମପୁର ବିଜେପି ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡା,ଏବିଡ଼ିଓ ଲକ୍ଷ୍ମଣ ପଧାନ,କ୍ଷୁଦ୍ର ଜିଲ୍ଲା ଶିଳ୍ପ ଅଧିକାରୀ ଅଂଶୁମାନ ପଧାନ,ଯୁବ ଉଦ୍ୟୋଗ ଶିଳ୍ପପତି ବିଭୁ ପ୍ରସାଦ ସାହୁ ମଞ୍ଚାସିନ ହୋଇଥିଲେ। ଭାରତୀୟ ସମ୍ବିଧାନ ଦେଶର ଗଣତନ୍ତ୍ରର ମୂଳଭିତ୍ତି। ଏହା



ଦେଶର ପ୍ରତ୍ୟେକ ନାଗରିକଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରାର ଅଧିକାର ପ୍ରଦାନ କରିବା ସହ ଦେଶର ଶାସନ ବ୍ୟବସ୍ଥାକୁ ସୁପରିଚାଳିତ କରିଥାଏ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭା ଭାରତୀୟ ସମ୍ବିଧାନକୁ ଗ୍ରହଣ କରିଥିବାରୁ ପ୍ରତିବର୍ଷ ଏହି ଦିନକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଜିପିଡିଓ ରାଶି ମାଝୀ,ବିଏସଏସଓ ଶ୍ରୀମନ୍ତ ବଡ଼ପଣ୍ଡା,ଏପିଓ ଅଭିଳାଶା ସିଂଦେଓ ଆଦି ଉପସ୍ଥିତ ଥିଲେ ।ଜୟ ପ୍ରକାଶ ମହାଖୁଡ଼, ନେତ୍ରାନନ୍ଦ ପୃଷ୍ଟି,କ୍ଷମା ମାହାର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ନିଶାମୁକ୍ତ ଯୁବ ସମାଜ ଗଠନ ଦ୍ୱାରା ବିକଶିତ ଭାରତ ନିର୍ମାଣର ଆହ୍ୱାନ



ପାରଳାଖେମୁଣ୍ଡି,୨୬।୧୧ (ଆନିସ): ଗଜପତି ଜିଲ୍ଲାର ରାୟଗଡ଼ାସ୍ଥିତ ଏସ୍.ଏସ୍.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମେରା ଯୁବା ଭାରତ, ଗଜପତି ପକ୍ଷରୁ ବ୍ଲକସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ''ବିକଶିତ ଭାରତ ଗଠନରେ ନିଶାମୁକ୍ତ ଯୁବ ସମାଜର ଭୂମିକା।'' ଶୀର୍ଷକ ବିଷୟବସ୍ତୁକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ରାଜେଶ୍ୱରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ ଲିପିନୀ ଦେବୀ, କଳା ବିଭାଗର ଅଧ୍ୟାପକ ଶ୍ରୀ ଏମ୍.ଭି. ଆପନ୍ନା, ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଶ୍ରୀ ସନ୍ତୋଷ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି ନିଜ ଅଭିଭାଷଣରେ ଯୁବପିଢ଼ିଙ୍କୁ ନିଶା ସେବନଠାରୁ ଦୂରେଇ ରହିବା ସହ ସମାଜ ଓ ଦେଶର ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ

୭ ଦଫା ଦାବିରେ ୪ ଦିନ ହେଲା ରାଜ ରାସ୍ତାରେ ଅଙ୍ଗନବାଡି କର୍ମୀ

ଧାରଣା ସ୍ଥଳରେ କଲେ ମାଣବସା ଗୁରୁବାର ପୂଜା



କୁନ୍ଦୁରା,୨୬।୧୧(ଆନିସ):େ କାରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସଦର ସ୍ଥିତ ଆଇ ସି ଡି ଏସ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଗତ ୨୩ ତାରିଖ ଠାରୁ ୭ ଦଫା ଦାବି ନେଇ ୧୯୧ ଜଣ ଅଙ୍ଗନବାଡି କର୍ମୀ ଓ ୧୯୧ ଜଣ ସହାୟକା ପାଚିକା ଧାରଣାରେ ବସିଛନ୍ତି । ମୁଖ୍ୟତଃ ୭ ଦଫା ଦାବୀ ଯଥା ସରକାରୀ ମାନ୍ୟତା ଦେବା, ୫୫ ବର୍ଷ ସମୀକ୍ଷା ଉଚ୍ଛେଦ , କର୍ମୀଙ୍କୁ ୩୦ ହଜାର ଓ ସହାୟିକା ପାଚିକାଙ୍କୁ ୧୫ ହଜାର ଦରମା ଲାଗୁ କରିବା, ୨୦୨୪ ନିର୍ବାଚନୀ ପ୍ରତିଶ୍ରୁତିରେ ଘୋଷିତ ଦରମା ଲାଗୁ କରିବା , କାର୍ଯ୍ୟରତ କର୍ମୀଙ୍କ ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କାର କ୍ଷତି ପୂରଣ ସହାୟତା ଯୋଗାଇବା, ସମସ୍ତ କର୍ମୀଙ୍କୁ ଗ୍ରାଚୁଇଟି ଓ ଅବସର କାଳୀନ ସୁବିଧା ଯୋଗାଇବା ଓ କାର୍ଯ୍ୟରତ କର୍ମୀଙ୍କ ମୃତ୍ୟୁ ହେଲେ ପରିବାରର ଝିଅ ହେଉ ଅବା ବୋହୁକୁ ଚାକିରୀ ଯୋଗାଇବା ଆଦି ଦାବି ରଖିଛନ୍ତି । ଏହି ଦାବ ପୂରଣ ହେବା ପର୍ଯ୍ୟନ୍ତ ଆମେ ଧାରଣରୁ ଉଠିବୁ ନାହିଁ ବୋଲି କର୍ମୀ କହିଛନ୍ତି । ବହୁତ ହୋଇଗଲା ଆଉ କାହା ର ମିଠା କଥା ର ପ୍ରଲୋଭନ ରେ ପଡ଼ିବୁ ନାହିଁ। ଲଲିପପ୍ ବହୁତ ଖୁଆଇଲେ ଏଥର ଦାବି ପୂରଣ ହେବ ଆମେ ଧାରଣାରୁ ଉଠିବୁ ବୋଲି ଅଙ୍ଗନବାଡି କର୍ମୀ ଓ ପାଚିକା କହିଛନ୍ତି । ଗତ ୪ ଦିନ ହେଲା ଆମେ ଧାରଣାରେ ବେଶିଲୁଣି କିନ୍ତୁ ଆଜି ଯାଏ କୌଣସି ସରକାରୀ ଅଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ଦେଖା ନାହିଁ । ଆମର ହାଲ ଚାଲ ବୁଝିବାକୁ ବି କେହି ସ୍ଥାନୀୟ ଅଧିକାରୀ କିମ୍ବା ଜନ ପ୍ରତିନିଧି ଆସିନାହାନ୍ତି ।ଆମେ ଯେତେବେଳେ ଯେକୌଣସି ମୁହୂର୍ତ୍ତରେ ମଧ୍ୟ ଯେମିତିକା ସରକାରୀ କାର୍ଯ୍ୟ ନିର୍ଦେଶ ମିଳିଛି କରିଛୁ , ଆମର ସ୍ୱଳ୍ପ ଦରମାରେ ବି ବହୁତ ସହି ସାଲାଳି ଆଜି ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇ ଆସିଲୁ ଆଗକୁ ଆଉ ସହ୍ୟ କରିବୁ ନାହିଁ । ଆମର ଦାବି ପୂରଣ କରନ୍ତୁ। ତାପରେ ଅନ୍ୟ ବିଷୟ ବୋଲି କର୍ମୀ ଓ ପାଚିକା କହିଛନ୍ତି। ଦୀର୍ଘ ବର୍ଷ ବିତିଯାଉଥିବା ସତ୍ତ୍ୱେ ଆମେ ସରକାରୀ ମାନ୍ୟତା ପାଇ ପାରିଲୁ ନାହିଁ । ଦରମା ଟଙ୍କା ଯାହା ସେଥିରେ ପେଟ ପୁରୁନି । ଖାଲି ଜଳୁଛି ଏମିତିକା ପରିସ୍ଥିତି ରେ ପିଲା ଛୁଆଙ୍କ ଭବିଷ୍ୟତ ଆମେ କଣ ଗଢ଼ିବୁ। ଆଜି ଆମ ଓଡ଼ିଆଣୀଙ୍କ ବଡ଼ ଓଷା ମାଣବସା ଗୁରୁବାର। କିନ୍ତୁ ଆମର କି ଦୁର୍ଭାଗ୍ୟ ଯେ ଆମେ ଆମ ପରିବାର ଓ ଘର ଦ୍ୱାର ଠାରୁ ଦୂରରେ ରାଜରାସ୍ତାରେ ବସି ମାଣବସା ଗୁରୁବାର ପୂଜା କରିଛୁ। ଏଥିପାଇଁ ଦାୟୀ ରାଜ୍ୟ ସରକାର ବୋଲି କହି କ୍ଷୋଭ ପ୍ରକାଶ କରିଛନ୍ତି ବହୁ ଅଙ୍ଗନବାଡି କର୍ମୀ। ଏଥି ସହ ସରକାରୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ମୁଖ୍ୟ ଭୂମିକା ଅଙ୍ଗନବାଡି କର୍ମୀ ନେଇଥିବା ଏବଂ ପିଲାଙ୍କ ଖାଦ୍ୟ ପାଇଁ ସରକାରୀ ଦର ସମୁଦ୍ରକୁ ଶଙ୍ଖେ ହେଉଥିବା ବେଳେ ଅଧିକା ଚଢା ଦରର ସାମଗ୍ରୀ ଆଣି ପିଲାଙ୍କୁ ଦେଉଥିବା ନେଇ ନାରାବାଜୀ କରିଥିଲେ ।

ସୁନ୍ଦରଗଡ଼ ସଦର ବ୍ଲକ୍ ସମ୍ମୁଖରେ ଅଙ୍ଗନବାଡ଼ି କର୍ମୀଙ୍କ ଧାରଣା



ସୁନ୍ଦରଗଡ଼,୨୬।୧୧(ଆନିସ): ସରକାରୀ ମାନ୍ୟତା ଓ ଦରମା ବୃଦ୍ଧି ଦାବିରେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଙ୍ଗନବାଡ଼ି କର୍ମୀ। ସୁନ୍ଦରଗଡ଼ ସଦର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ଧାରଣା ଓ ପ୍ରତିବାଦ ଜାରି ରହିଛି। ଗତ ୨୩ ତାରିଖରୁ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଧାରଣାରେ ବସିଛନ୍ତି। ସରକାରୀ କର୍ମଚାରୀ ର ମାନ୍ୟତା ପ୍ରଦାନ ସହ ଉଚିତ୍ ପାରିଶ୍ରମିକ ଦେବାକୁ ସେମାନେ ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି ଗାଁ ଗହଳିରେ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ଯତ୍ନ ସମ୍ପର୍କିତ କାର୍ଯ୍ୟ ସହିତ ବିଭିନ୍ନ ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇ ଆସୁଛନ୍ତି ଅଙ୍ଗନବାଡ଼ି କର୍ମୀ। ତେବେ ସେମାନଙ୍କୁ ଏଯାଏଁ ସରକାରୀ କର୍ମଚାରୀର ମାନ୍ୟତା ମିଳିନଥିବା ଏବଂ ମିଳୁଥିବା ପାରିଶ୍ରମିକ ଯଥେଷ୍ଟ ନୁହେଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ସହ ମାସିକ ପାରିଶ୍ରମିକ ବୃଦ୍ଧି କରିବାକୁ ଦାବି ହୋଇଛି।ସଂଘର କହିବା ଅନୁସାରେ, ବାରମ୍ବାର ଦାବି ସତ୍ତ୍ୱେ କେହି ଦୃଷ୍ଟି ଦେଉନାହାନ୍ତି । ବର୍ତ୍ତମାନର ମହଙ୍ଗା ଦରଦାମ ପରିସ୍ଥିତିରେ ସ୍ୱଳ୍ପ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହେଉଥିବା କର୍ମୀମାନେ କହିଛନ୍ତି। ସରକାର ସେମାନଙ୍କ ଦାବି ପ୍ରତି ଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି ଅଙ୍ଗନବାଡ଼ି କର୍ମୀ ସଂଘ।

ମାଳମାଳ ଯୋଜନା ସତ୍ତ୍ୱେ ବିକାଶ ଅପହଞ୍ଚ

ବାଧକ ସାଜୁଛି ଲାଭଖୋର ମନୋବୃତ୍ତି

ଥୁଆମୂଳ ରାମପୁର,୨୬।୧୧ (ଆନିସ): ଗ୍ରାମାଞ୍ଚଳ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ମାଳମାଳ ଯୋଜନା ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ରାସ୍ତାଘାଟ,ପାନୀୟ ଜଳ,ଶିକ୍ଷା,ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଛି। ମାତ୍ର ବିଡମ୍ବନାର ବିଷୟ, ଅନେକ ସ୍ଥାନରେ ଏହି ଯୋଜନାଗୁଡିକ ବାସ୍ତବ ରୂପ ନେଇପାରୁନାହିଁ। କେବଳ ପ୍ରଶାସନିକ ଅବହେଳା ନୁହେଁ ବରଂ କେତେକ କ୍ଷେତ୍ରରେ ସ୍ଥାନୀୟ ଜନସାଧାରଣଙ୍କ ସଂକୀର୍ଣ୍ଣ ତଥା ଲାଭଖୋର ମନୋବେତ୍ତି ହିଁ ବିକାଶ ପଥରେ ମୁଖ୍ୟ ଅନାତନ୍ତରାୟ ସାଜୁଥିବା ଦେଖିବିକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଏହା ପ୍ରତିଫଳିତ ହେଉଥିବା ଦେଖାଦେଇଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅଭିଯୋଗ ନରେଗା ଯୋଜନା ବାଟବଣା, ଶ୍ରମିକ କାମନପାଇ ହନ୍ତସନ୍ତ, ନିମ୍ନମାନର କାମ, ମିଥ୍ୟା ବିଲ ଭଳି ଘଟଣା, ରାସ୍ତା ପ୍ରଶସ୍ତି କରଣରେ ବାଧକ, ସରକାରୀ ଜମିକୁ ଜବରଦସ୍ତ ଦଖଲ, ଡ୍ରେନେସ ବ୍ୟବସ୍ଥା କିମ୍ବା ଯେକୌଣସି ସରକାରୀ ଗୃହ ନିର୍ମାଣ ପାଇଁ ଜାଗାରେ କଟକଣା, କିଛି ପ୍ରକଳ୍ପ ନିର୍ମାଣର ଅଧାରୁ ବନ୍ଦ ଭଳି ସମସ୍ୟା ରହିଛି। ଯୋଜନାର ଅପବ୍ୟବହାର: ଗରିବ ଓ ଅସହାୟଙ୍କ ପାଇଁ ଉର୍ଦ୍ଦିଷ୍ଟ ଆବାସ ଯୋଜନା, ରାସନକାର୍ଡ, କିମ୍ବା ଭତ୍ତା ଭଳି ସୁବିଧା ହାତେଇବା ପାଇଁ ସ୍ୱଚ୍ଛଳ ବର୍ଗର ଲୋକ ମଧ୍ୟ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ। ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗାଁରେ ପକ୍କା ରାସ୍ତା ନିର୍ମାନର,କିମ୍ବା ପୋଲ ନିର୍ମାଣ ଅଧପନ୍ତରିଆ, ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟରେ ସନ୍ତୋଷ ଜନକ ଅଧାରୁ କାମବନ୍ଦ ଭାବରେ ପଡିରହିଛି। ସ୍ଥାନୀୟ ଜନସାଧାରଣ ଙ୍କ ସଚେତନତା ଅଭାବ ଏବଂ ମୋର କଣ ଲାଭ ହେବ, ଭଳି ମାନସିକତା ଯୋଗୁଁ ମଞ୍ଜୁର ହୋଇଥିବା ସରକାରୀ ଅନୁଦାନ ଖର୍ଚ୍ଚ ହୋଇନପାରି ଫେରିଯାଉଥିବା ଭଳି ଘଟଣା।

ଏହାର ସିଧାସଳଖ ପ୍ରଭାବ ସାଧାରଣ ଜନଜୀବନ ଉପରେ ପଡୁଛି। ବର୍ଷାଦିନେ କାଦୁଅ ପଚପଚ ରାସ୍ତାରେ ଯାତାୟାତ କରିବଠାରୁ ଆରମ୍ଭ କରି ମୌଳିକ ସୁବିଧା ପାଇବା ପର୍ଯ୍ୟନ୍ତ ସବୁଥିରେ ଲୋକ ହନ୍ତସନ୍ତ। ଏହାର ସମାଧାନ ବାଟ କଣ ବୋଲି ଆଲୋଚନା ଚାଲିଛି। ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ମତରେ କେବଳ ସରକାରୀ ଯୋଜନା ଘୋଷଣା କରିଦେଲେ ବିକାଶ ସମ୍ଭବ ନୁହେଁ।ଏଥିପାଇଁ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ। ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱକୁ ଯାଇ ସାମୁହିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଲେ ହିଁ ସରକାରୀ ଯୋଜନାର ସୁଫଳ ରୂପାୟନ ହୋଇପାରିବ। ଏଥିସହ ପ୍ରଶାସନ ପକ୍ଷରୁ ମଧ୍ୟରେ ମଧ୍ୟ କୋଠର ପଦକ୍ଷେପ ନିଆଯିବା ଆବଶ୍ୟକତା ରହିଛି।

ଏନଟିପିସି ଦର୍ଲିପାଲିରେ ସମ୍ବିଧାନ ଦିବସ

ସୁନ୍ଦରଗଡ଼,୨୬।୧୧(ଆନିସ): ଏନଟିପିସି ଦର୍ଲିପାଲିଠାରେ ଗୁରୁବାର ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂସ୍ଥାର ପ୍ରଶାସନିକ ଭବନରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ ସାମୂହିକ ଭାବେ ପାଠ କରାଯାଇଥିଲା। ଏଥିରେ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଥିଲେ। କାର୍ଯ୍ୟକ୍ରମରେ ଏନଟିପିସି ଦର୍ଲିପାଲିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ଆଲୋକ କୁମାର ତ୍ରିପାଠୀ, ମହାପ୍ରବନ୍ଧକ ଇପିଲ ବାଗେ, ଦୀପକ କୁମାର ସୋନକର, ଅହମ୍ମଦ ମୁସ୍ତାଫା ଚୌଧୁରୀ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରତିମା ମହେନ୍ଦ୍ର ଏବଂ ଏସ୍. ସୁରେଶଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ରାଷ୍ଟ୍ର



ନିର୍ମାଣରେ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବିଧାନ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟକୁ ଦିଗଦର୍ଶନ ଦେଇଥାଏ ବୋଲି ସେ କହିଥିଲେ। ଏହି ଆୟୋଜନ ମାଧ୍ୟମରେ ଭାରତୀୟ ସମ୍ବିଧାନ ଗ୍ରହଣର ୭୭ ବର୍ଷ ପୂର୍ତ୍ତିକୁ ସ୍ମରଣ କରାଯାଇଥିଲା। ଏଥିସହ ସମସ୍ତେ ସାମ୍ବିଧାନିକ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରି ଦେଶର ପ୍ରଗତି ଓ ଏକତାରେ ଯୋଗଦାନ ଦେବାକୁ ସଂକଳ୍ପ ନେଇଥିଲେ।

ସିମେଣ୍ଟ ପ୍ରକଳ୍ପକୁ ସ୍ଥାନୀୟ ପରିବାରଙ୍କ ସମର୍ଥନ ନେଇଜିଲ୍ଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼,୨୬।୧୧(ଆନିସ): ରାଜଗାଙ୍ଗପୁର ଅଞ୍ଚଳରେ ଡାଲମିଆ ସିମେଣ୍ଟର ଖଣି ଓ କାରଖାନା ସମ୍ପର୍କିତ ପ୍ରକଳ୍ପ କାର୍ଯ୍ୟକଳାପକୁ ସ୍ଥାନୀୟ ପରିବାରଙ୍କ ପକ୍ଷରୁ ସମର୍ଥନ ଜଣାଯାଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଜୀବିକା ସୁରକ୍ଷା, ନିଯୁକ୍ତି ଓ ଆର୍ଥିକ ବିକାଶକୁ ପ୍ରାଥମିକତା ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାଜଗାଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଓ ଅନ୍ୟାନ୍ୟ ଗ୍ରାମର ପରିବାରଗୁଡ଼ିକ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବସବାସ କରିବା ସହ ଖଣି ଓ ଶିଳ୍ପ କାର୍ଯ୍ୟକଳାପ ସହିତ ଜଡ଼ିତ ଥିବା ଉଲ୍ଲେଖ କରାଯାଇଛି।ଦାବିପତ୍ରରେ କୁହାଯାଇଛି ଯେ, ପ୍ରକଳ୍ପ କାର୍ଯ୍ୟକଳାପ ଅଞ୍ଚଳର ବିକାଶ, ନିଯୁକ୍ତି ସୃଷ୍ଟି ଓ ନିକଟବର୍ତ୍ତୀ ଅଞ୍ଚଳର ପରିବାରଗୁଡ଼ିକଙ୍କ ଜୀବିକାକୁ ସହାୟତା କରିପାରିବ। ତେଣୁ ସ୍ଥାନୀୟ ଲୋକଙ୍କ ଉନ୍ନତି ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପକୁ ସମର୍ଥନ କରାଯାଉଛି। ଏଥିସହ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ ସାମାଜିକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ଜୀବିକା ସୁରକ୍ଷା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ମଧ୍ୟ ଦାବି ହୋଇଛି।ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ସରକାରଙ୍କ ସହଯୋଗ ଏବଂ ଆବଶ୍ୟକ ପଦକ୍ଷେପ ନେବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି।

୧୫ ଏକର ଜଙ୍ଗଲ ଜମିରୁ ନଷ୍ଟ କରାଗଲା ୧୮ ହଜାର ଗଞ୍ଜେଇ ଗଛ



ବୈପାରିଗୁଡା,୨୬।୧୧ (ଆନିସ): ବେଆଇନ ଗଞ୍ଜେଇ ଚାଷ ଓ ଚୋରା କାରବାର ଉପରେ ଅଙ୍କୁଶ ଲଗାଇବାକୁ ବୈପାରିଗୁଡା ପୁଲିସ ପକ୍ଷରୁ ଗ୍ରୀନ୍ କ୍ଲିନ୍ ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ବୈପାରିଗୁଡା ପୁଲିସ, ଅବକାରୀ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଚଢ଼ଉରେ ୧୫ ଏକର ସରକାରୀ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୧୮ ହଜାର ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି। ଚିପାକୁର ପଞ୍ଚାୟତ ଅନ୍ତର୍ଗତ ବରୋଟି ଗ୍ରାମ ନିକଟସ୍ଥ ଜଙ୍ଗଲ ଜମିରେ ଏହି ଚଢ଼ଉ କରାଯାଇଥିଲା। ସୂଚନା ଅନୁଯାୟୀ, ବରୋଟି ଗ୍ରାମ ନିକଟସ୍ଥ ଜଙ୍ଗଲ ତଥା ଝରଣା କୂଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ବୈପାରିଗୁଡା ପୁଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ବୈପାରିଗୁଡା ଥାନା ଆଇଆଇସି ଲକ୍ଷ୍ମୀନାରାୟଣ ମୁଦୁଲିଙ୍କ ନେତୃତ୍ୱରେ ପୁଲିସ ଟିମ୍ ସହ ଅବକାରୀ ବିଭାଗର ଏସ୍ଆଇ ପ୍ରଦୀପ କୁମାର ରଥ ଏବଂ ରାଜସ୍ୱ ବିଭାଗର କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ। ମିଳିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧୫ ଏକର ଜଙ୍ଗଲ ଜମିରେ ଲାଗିଥିବା ୧୮ ହଜାର ଗଞ୍ଜେଇ ଗଛ ଚିହ୍ନଟ କରିବା ପରେ ସେଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରିଥିଲେ। ଏହି ଚଢ଼ଉ ସମୟରେ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାର ତଦାରଖ କରିଥିଲେ। ଏହି ଘଟଣାକୁ ନେଇ ବୈପାରିଗୁଡା ଥାନାରେ କେସ୍ ନମ୍ବର ୩୭୧/୨୫.୧୧.୨୦୨୬ରେ ଏନ୍ଡିପିଏସ୍ ଆଇନର ଧାରା ୨୦(କ)() ଅନୁଯାୟୀ ମାମଲା ରୁଜୁ ହୋଇଛି।ବେଆଇନ ଗଞ୍ଜେଇ ଚାଷ ଦ୍ୱାରା ସରକାରୀ ଜଙ୍ଗଲ ଜମିର ଅପବ୍ୟବହାର ରୋକିବା ସହ ନିଶାଦ୍ରବ୍ୟର ଅବୈଧ କାରବାରକୁ ମୂଳପୋଛ କରିବା ଲକ୍ଷ୍ୟରେ ଆଗକୁ ମଧ୍ୟ ଏଭଳି ମିଳିତ ଚଢ଼ଉ ଓ ଗ୍ରୀନ୍ କ୍ଲିନ୍ ଅଭିଯାନ ଜାରି ରହିବ ବୋଲି ଜଣାପଡ଼ିଛି।

ସମ୍ବିଧାନ ରକ୍ଷା କାର୍ଯ୍ୟକ୍ରମରେ ବାଇକ ରାଲି

ନର୍ଲା,୨୬।୧୧(ଆନିସ): ନର୍ଲା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଗୋଟିଏ ଗୋଷ୍ଠୀ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକୁ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ମାନ କରି ସାଧାରଣ ଲୋକଙ୍କୁ କିଭଳି କଂଗ୍ରେସ ସପକ୍ଷରେ ଆଣି ହେବ ସେହି ଉଦ୍ଦେଶ୍ୟରେ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ସମାଜସେବୀ ତଥା ନର୍ଲା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସର ବିଧାୟକ ପ୍ରାର୍ଥୀ ଚିତ୍ତରଞ୍ଜନ ମଣ୍ଡଳଙ୍କ ସମର୍ଥକଙ୍କୁ ଅଣଦେଖା ଅଭିଯୋଗ କରି ଶତାଧିକ କର୍ମୀ ଓ ନେତା ସାମୁହିକ ଇସ୍ତଫା ଦେବା ସୂଚନା ମିଳିଛି। ଉକ୍ତ ଗୋଷ୍ଠୀ ନର୍ଲା ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସାମୁହିକ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ ସଭାପତି ଓ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରିବେ ବୋଲି ମତ



ରଖିଛନ୍ତି। ଅନ୍ୟ ପଟେ ବ୍ଲକ ସଭାପତି ଚୁଳମଣି ଗୌଡ଼ିଆ ଓ ଯୁବନେତା ଦିପୁ ପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସମ୍ବିଧାନରକ୍ଷା ରାଲି କରିଥିବା ଦେଖିବାକୁ ମିଳିଛି। ପ୍ରଥମେ ନର୍ଲା ଚାରି ଛକରୁ ଏକ ବାଇକ ରାଲି ରେ ବାହାରି ତୁଳାପଡା ପଞ୍ଚାୟତରେ ଥିବା ଭୀମନଗର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବାବା ସାହେବ ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କେନ୍ଦ୍ର ସରକାରଙ୍କ ସହିତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରିଥିଲେ। ସେଠାରେ ବାବା ସାହେବ ଙ୍କ ପ୍ରତିମୂର୍ତ୍ତିର ସମ୍ମୁଖରେ ସମସ୍ତେ ମିଶି ନର୍ଲା କଂଗ୍ରେସ ପକ୍ଷରୁ କିଭଳି ଭକ୍ତଦାସ ଓ ରାହୁଲ ଗାନ୍ଧୀଙ୍କ ହାତମୁଠାକୁ ଟାଣ କରିହେବ ସେଥିପାଇଁ ସମସ୍ତେ ସଂକଳ୍ପ କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।।

ଆରଟିଆଇ ମାମଲାରେ ଓଡ଼ିଶା ସୂଚନା ଆୟୋଗଙ୍କ ନିର୍ଦ୍ଦେଶ

ସୁନ୍ଦରଗଡ଼ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସାର୍ବଜନୀନ କର୍ତ୍ତୃପକ୍ଷ ମାନ୍ୟତା ନେଇ ହେବ ତଦନ୍ତ

ସୁନ୍ଦରଗଡ,୨୬।୧୧(ଆନିସ):ଆବଶ୍ୟକୀୟ ତଥ୍ୟ ନ ମିଳିବା ଅଭିଯୋଗକୁ ନେଇ ଦାଖଲ ହୋଇଥିବା ଏକ ଦ୍ୱିତୀୟ ଅପିଲ୍ ମାମଲାରେ ଓଡ଼ିଶା ସୂଚନା ଆୟୋଗ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସ୍ଥିତି ଓ ଆରଟିଆଇ ଆଇନ ଅନୁଯାୟୀ ଏହା ସାର୍ବଜନୀନ କର୍ତ୍ତୃପକ୍ଷ

ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆୟୋଜିତ ବିତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ପୁରସ୍କୃତ



କେନ୍ଦ୍ରାପଡ଼ା,୨୬।୧୧(ଆନିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିତବ୍ୟୟିତା, ସଞ୍ଚୟ, ସତର୍କତା ଓ ସଚେତନତାର ମହତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଯୁକ୍ତିପୂର୍ଣ୍ଣ ଚିନ୍ତନ, ତର୍କଶକ୍ତି ଓ ବକ୍ତୃତା ଦକ୍ଷତାର ବିକାଶ ଲକ୍ଷ୍ୟରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଏକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା ''ମିତବ୍ୟୟିତା, ସଞ୍ଚୟ, ସତର୍କତା ଓ ସଚେତନତା''। ଏହି ବିଷୟକୁ ଆଧାର କରି ପ୍ରତିଯୋଗୀମାନେ ସଞ୍ଚୟର ଆବଶ୍ୟକତା, ଅର୍ଥର ସୁବିନିଯୋଗ, ଅଯଥା ଖର୍ଚ୍ଚ ନିୟନ୍ତ୍ରଣ ଓ ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷାର ଗୁରୁତ୍ୱ ଉପରେ ନିଜ ନିଜର ମତାମତ ଓ ଯୁକ୍ତି ଉପସ୍ଥାପନ କରିଥିଲେ।

ପ୍ରତିଯୋଗିତାରେ ବଳଦେବଜିଉ ହାଇସ୍କୁଲର ଆଦିତ୍ୟ ଶେଖର ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡେରାବିଶର ରଜାଲୀନ ମହାପାତ୍ର ଦ୍ୱିତୀୟ ଏବଂ ସେଣ୍ଟ ଜାଭିୟର୍ସ ସ୍କୁଲର ଆୟୁଷ ମଙ୍ଗରାଜ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ଆଜି ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ମିତବ୍ୟୟିତା ଓ ସଞ୍ଚୟ ଅଭ୍ୟାସ ଛାତ୍ରଜୀବନରୁ ଆରମ୍ଭ ହେବା ଆବଶ୍ୟକ ଏବଂ ଏହା ଏକ ସୁସ୍ଥ ଆର୍ଥିକ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଞ୍ଚୟ ମନୋଭାବ, ଆର୍ଥିକ ଶୃଙ୍ଖଳା ଓ ସାମାଜିକ ସଚେତନତା ବୃଦ୍ଧି ପାଇବା ସହ ସେମାନେ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ଉଠିବେ ବୋଲି ଆଶା ପ୍ରକାଶ କରାଯାଇଛି।

ସଡ଼କ ଦୁର୍ଘଟଣା ରୋକିବା ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ମିଳିତ ପ୍ରବର୍ତ୍ତନ ଓ ସଚେତନତା ଉପରେ ଗୁରୁତ୍ୱ

ଢେଙ୍କାନାଳ,୨୬।୧୧(ଆନିସ): ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସଦଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ ଉପସ୍ଥିତ ଥିଲେ।

ବୈଠକରେ ଜାନୁଆରୀରୁ ଅକ୍ଟୋବର ୨୦୨୬ ମଧ୍ୟରେ ଜିଲ୍ଲାରେ ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ଏବଂ ଏଥିରେ ୧୬୮ ଜଣଙ୍କ ମୃତ୍ୟୁ ହୋଇଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ୨୦୨୫ର ସମାନ ଅବଧିରେ ୩୫୬ଟି ଦୁର୍ଘଟଣାରେ ୧୫୮ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ଗୁରୁତର ଆହତଙ୍କ ସଂଖ୍ୟା ୨୮୯ରୁ ହ୍ରାସ ପାଇ ୨୨୨ରେ ପହଞ୍ଚିଛି। ମେରାମଣ୍ଡଳୀ ଅଞ୍ଚଳରେ ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଯାନବାହନ ଭିଡ଼ ଓ ଯାତାୟାତ ସମସ୍ୟା ଉପରେ ଜିଲ୍ଲାପାଳ ଉଦ୍?ବେଗ ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ କାର୍ଯ୍ୟରତ ଶିଳ୍ପ ସଂସ୍ଥାଗୁଡ଼ିକୁ ନିଜସ୍ୱ ଜମିରେ ଯାନବାହନ ପାର୍କିଂ ବ୍ୟବସ୍ଥା କରିବା ଏବଂ ଜାତୀୟ ରାଜପଥକୁ ପାର୍କିଂ ପାଇଁ ବ୍ୟବହାର ନକରିବା ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କହିଥିଲେ।ସେହିପରି ଗୋବିନ୍ଦପୁର–ମହିଷାପାଟ ରାସ୍ତାରେ ଦୁର୍ଘଟଣା ରୋକିବା ନିମନ୍ତେ ଆବଶ୍ୟକୀୟ ସୂଚନା ଫଳକ ସ୍ଥାପନ ଓ ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସଡ଼କ ଦୁର୍ଘଟଣା ରୋକିବା ଦିଗରେ ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚ ଓ ଆଇନ ପ୍ରବର୍ତ୍ତନକୁ ଅଧିକ କଡ଼ାକଡ଼ି କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ଘଟୁଥିବା ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟାର ସଠିକ୍ ଆକଳନ ନିମନ୍ତେ, ମଦ୍ୟପାନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମାମଲାରେ କୌଣସି ପକ୍ଷପାତ ନକରି ମୃତ୍ୟୁର କାରଣ ସମ୍ପର୍କିତ ପୋଷ୍ଟମର୍ଟମ ରିପୋର୍ଟ ଉପଲବ୍ଧ କରାଇବାକୁ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ନଭେମ୍ବରରୁ ଫେବ୍ରୁଆରୀ ମାସ ମଧ୍ୟରେ ପିକନିକ୍ ସ୍ଥଳଗୁଡ଼ିକରେ ଜନସମାଗମ ଓ ଦୁର୍ଘଟଣା ଆଶଙ୍କାକୁ ଦୃଷ୍ଟିରେ ରଖି ସପ୍ତଶଯ୍ୟା, ସାପୁଆ ଡ୍ୟାମ୍, ଦଣ୍ଡାଧାର ଓ କପିଳାସ ଆଦି ସ୍ଥାନରେ ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚ, ମଦ୍ୟପାନ କରି ଗାଡ଼ି ଚାଳନା ରୋକିବା, ଯାତ୍ରୀବାହୀ ଗାଡ଼ିରେ ଅତ୍ୟଧିକ ଯାତ୍ରୀ ପରିବହନ ନିୟନ୍ତ୍ରଣ ଓ ଗାଡ଼ିରେ ପ୍ରାଥମିକ ଚିକିତ୍ସା ବାକ୍ସ ରଖିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଗଙ୍ଗମରା, ଗଣ୍ଡାନାଳୀ, କାମାକ୍ଷାନଗର, କଙ୍କଡ଼ାହାଡ଼ ଓ କପିଳାସ–ଟାଙ୍ଗୀ ରାସ୍ତାରେ ଗାଡ଼ିର ବେଗ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଥିଲା।ବୈଠକର ଶେଷରେ ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କୁ ସହାୟତା କରି ମାନବିକତା ଓ ମହତ୍ତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱର ପରିଚୟ ଦେଇଥିବା ପାଞ୍ଚ ଜଣ ଗୁଡ୍ ସମାରିଟାନ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ କଙ୍କାବଣିଆର ଅନିରୁଦ୍ଧ ସେଠ୍, ଚିତ୍ତଳପୁରର ସୁକାନ୍ତ ସେନାପତି, ଦଲାରର ଶ୍ରୀ ଜିତେନ୍ଦ୍ର କୁମାର ଦାସ ସାମନ୍ତ, ପିଙ୍ଗୁଆର ବିନୋଦ ପ୍ରଧାନ ଓ ଶ୍ରୀମତୀ ରାଧା ପରିଡ଼ା।

ସଡ଼କ ସୁରକ୍ଷା ନିୟମ ପାଳନ, ଦାୟିତ୍ୱପୂର୍ଣ୍ଣ ଗାଡ଼ି ଚାଳନା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦିଗରେ ସମସ୍ତଙ୍କ ସହଯୋଗ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

୭,୦୦୦ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ସ୍ୱାସ୍ଥ୍ୟକର୍ମୀ



ସମ୍ବଲପୁର,୨୬।୧୧(ଆନିସ):ସମ୍ବଲପୁର ଜିଲ୍ଲା ଠେମରା ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ରର ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ହରିହର ପ୍ରଧାନ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ଫାଇଲ୍ କାର୍ଯ୍ୟକାରୀ କରିବା ନିମନ୍ତେ ୭,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ସ୍ୱାସ୍ଥ୍ୟ କର୍ମୀ ହରିହର ପ୍ରଧାନଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗ ଗିରଫ କରିଛି। ସେ ଜଣେ ଆବେଦନକାରୀଙ୍କ ଠାରୁ ତାଙ୍କ ସ୍ୱର୍ଗତ ଅଜା (ମା'ଙ୍କ ବାପା)ଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ଆବେଦନ କରିଥିଲେ। ତେବେ ମୃତ୍ୟୁ ପ୍ରମାଣପତ୍ର ଦେବାପାଇଁ ହରିହର ୭,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ । ଆବେଦନକାରୀ ସରକାରୀ ନିୟମାବଳୀ ଅନୁଯାୟୀ ନିଜର ସ୍ୱର୍ଗତ ଅଜାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଆବଶ୍ୟକୀୟ କାଗଜପତ୍ର ସହ ୬ ମାସ ପୂର୍ବେ ଆବେଦନ କରିଥିଲେ। ଅଭିଯୋଗକାରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ, ଅଭିଯୁକ୍ତ ଶ୍ରୀ ପ୍ରଧାନ ଉକ୍ତ ପ୍ରମାଣପତ୍ର ପ୍ରଦାନ ପାଇଁ କୌଣସି ପଦକ୍ଷେପ ନେଉନଥିଲେ ଏବଂ ବିନା କାରଣରେ କାର୍ଯ୍ୟଟିକୁ ବିଳମ୍ବିତ କରୁଥିଲେ। ଏହା ବଦଳରେ, ଅଭିଯୁକ୍ତ ଶ୍ରୀ ପ୍ରଧାନ ଉକ୍ତ କାର୍ଯ୍ୟ ପାଇଁ ୭,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଘଟଣାରେ ଅତିଷ୍ଠ ହୋଇ ଏବଂ ଲାଞ୍ଚ ଦେବାକୁ ଅସମର୍ଥ ହେବାରୁ, ଅଭିଯୋଗକାରୀ ଶ୍ରୀ ପ୍ରଧାନଙ୍କ ଦ୍ୱାରା ହେଉଥିବା ହଇରାଣ ହରକତ ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ, ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଅଭିଯୋଗକାରୀଙ୍କଠାରୁ ୭,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ପ୍ରଧାନଙ୍କୁ ଧରିଥିଲା। ଲାଞ୍ଚ ବାବଦକୁ ନିଆଯାଇଥିବା ସମସ୍ତ ୭,୦୦୦ ଟଙ୍କା ଅଭିଯୁକ୍ତ ଶ୍ରୀ ପ୍ରଧାନଙ୍କ ନିକଟରୁ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ଧରପଗଡ଼ ପରେ, ଆୟ ବହିର୍ଭୂତ ସମ୍ପତ୍ତି ମାମଲାର ଯାଞ୍ଚ ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଛି।

ବାଲ୍ୟବିବାହ ମୁକ୍ତ ସୁନ୍ଦରଗଡ଼ ଗଠନ ପାଇଁ ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ

ସୁନ୍ଦରଗଡ଼:୨୬।୧୧(ଆନିସ): ବାଲ୍ୟବିବାହ ମୁକ୍ତ ସୁନ୍ଦରଗଡ଼ ଗଠନ ଲକ୍ଷ୍ୟରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ସଂଗଠନର ସହଯୋଗରେ ଜୀତା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ। ଏଥିରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରୀମାନେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା, ରାଉରକେଲା ପୋଲିସର ରଞ୍ଜିତା ଏକ୍କା, ସ୍ୱାସ୍ଥ୍ୟ ବିଭାଗର ପିଏଚ୍?ଇଓ, ପିଓ ସ୍ପିଗ୍ନା ମହାପାତ୍ର, ନାଓ୍ୱୋର ରାଜ୍ୟ ଆବାହିକା ପ୍ରମିଳା ସ୍ୱାଇଁ ଏବଂ ଜୀତାର ସାଧାରଣ ସମ୍ପାଦିକା ଅନୁପମା ରାଉତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।ବୈଠକରେ ବାଲ୍ୟବିବାହ ରୋକିବା ଦିଗରେ ପ୍ରତ୍ୟେକ ବିଭାଗର ଭୂମିକା, ଦାୟିତ୍ୱ ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଗ୍ରାମାଞ୍ଚଳ



ଓ ବିଦ୍ୟାଳୟ ସ୍ତରରେ ନିରନ୍ତର ସଚେତନତା ସୃଷ୍ଟି ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଅନ୍ୟପକ୍ଷରେ, ନଭେମ୍ବର ୨୩ ତାରିଖରୁ ଜୀତା ପକ୍ଷରୁ ୧୦୦ ଦିନିଆ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ସ୍କୁଲ ଓ କଲେଜ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ସଚେତନତା ରଥ, ମଶାଲ ଯାତ୍ରା ଏବଂ ଛୋଟ ଛୋଟ ଆଙ୍ଗୁଠିରେ ଆଉ ମୁଦି ନାହିଁ ବାର୍ତ୍ତା ମାଧ୍ୟମରେ ବାଲ୍ୟବିବାହ ବିରୋଧରେ ଜନଜାଗରଣ ସୃଷ୍ଟି କରାଯିବ।

ଏହି ଅଭିଯାନ ମାଧ୍ୟମରେ ଶିଶୁଙ୍କ ଅଧିକାରର ସୁରକ୍ଷା, ଶିକ୍ଷାର ପ୍ରସାର ଏବଂ ବାଲ୍ୟବିବାହ ରୋକିବା ଦିଗରେ ସମାଜର ସମସ୍ତ ବର୍ଗଙ୍କ ସହଯୋଗ ଲୋଡ଼ାଯାଇଛି।

୭ ଦିନ ମଧ୍ୟରେ ନିଯୁକ୍ତି ନହେଲେ ତହସିଲ ଘେରାଉ ପାଇଁ ବିଜେଡିର ଚେତାବନୀ



ବୈପାରିଗୁଡା,୨୬।୧୧ (ଆନିସ):କୋରାପୁଟ ଜିଲ୍ଲାର ବୈପାରିଗୁଡା ତହସିଲରେ ଦୀର୍ଘଦିନ ଧରି ସ୍ଥାୟୀ ତହସିଲଦାର ନଥିବାରୁ ସାଧାରଣ ଜନତାଙ୍କ ସମେତ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବୈପାରିଗୁଡା ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ତହସିଲରେ ସ୍ଥାୟୀ ଅଧିକାରୀ ନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଜାତିଗତ, ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି। ସେହିପରି ଜମିଜମା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ସହ ଜମି ରେଜିଷ୍ଟ୍ରେସନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଲୋକେ ନାନା ହଇରାଣ ହରକତ ହେଉଛନ୍ତି।ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତ ୩୦.୧୦.୨୦୨୬ ତାରିଖରେ ପତ୍ର ସଂଖ୍ୟା ୧୭–୨୦୨୬, ୪୪୨୦୭ ର ସିରିଏଲ ନମ୍ବର ୨୯ ଅନୁଯାୟୀ ନୂଆପଡ଼ା ଜିଲ୍ଲା ଖଡ଼ିଆଳର ତହସିଲଦାର ନରସିଂହ ଗାଦବାଙ୍କୁ ବୈପାରିଗୁଡା ତହସିଲଦାର ଭାବେ ଯୋଗଦାନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ପାଖାପାଖି ଏକ ମାସ ବିତିଯାଇଥିଲେ ମଧ୍ୟ ସେ ଏଯାବତ୍ ଦାୟିତ୍ୱ ଗ୍ରହଣ କରିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଆଗାମୀ ୭ ଦିନ ମଧ୍ୟରେ ବୈପାରିଗୁଡା ତହସିଲରେ ସ୍ଥାୟୀ ତହସିଲଦାର ନିଯୁକ୍ତି କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଦଳ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବୈପାରିଗୁଡା ବ୍ଲକର ବିଜୁ ଜନତା ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇ ସ୍ଥାୟୀ ତହସିଲଦାର ନିଯୁକ୍ତି ଦାବିକୁ ସମର୍ଥନ ଜଣାଇଥିଲେ।

ବନ୍ଧସାହିରୁ ଦିନ ଦ୍ୱିପହରରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଓଡ଼ଗାଁ ୨୬।୧୧(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗୌଡ଼ପୁଟ ନିକଟ ପୁରୁଣା ବନ୍ଧସାହିର ଖଗେଶ୍ୱର ସାହୁଙ୍କ ଘରେ ଗତ ୨୪ ତାରିଖ ଦିନ ଦ୍ୱିପହରରେ ଘରେ ପଶି କଳାକନା ବୁଲାଇ ୬ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହିତ ୨୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଲେ ଦୁର୍ବୃତ୍ତ। ଏନେଇ ଖଗେଶ୍ୱରଙ୍କ ସ୍ତ୍ରୀ କୁନି ପୃଷ୍ଟି ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୋଲିସ ୪୪୯/୨୬ରେ ଏକ ଚୋରି ମାମଲା ରୁଜୁ କରି ସବ୍ ଇନ୍ସପେକ୍ଟର ଚକ୍ରଧର ସିଂ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ବେଳେ ଗୁରୁବାର ଡଗସ୍କାର୍ଡ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଅଭିଯୋଗକାରୀ କୁନି ପୃଷ୍ଟି ୨୪ ତାରିଖ ଦିନ ୧୨ଟା ବେଳେ ଘର ତାଲା ପକାଇ ନିକଟସ୍ଥ ଗୌଡ଼ପୁଟ ଜଗନ୍ନାଥ ମନ୍ଦିର ପଡ଼ିଆରେ ଜଳଖିଆ ବିକ୍ରି କରିବାକୁ ଯାଇଥିଲେ। ରାତି ୮ଟା ବେଳେ ଘରକୁ ଫେରି ଦେଖନ୍ତିତ ଘର ଉପର ସ୍କାଏ ଲାଇଟ୍ ଭାଙ୍ଗି ଦୁବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ୨ଟି ସୁନା ପଟିରି ମାଳି, ଗୋଟିଏ ହାର,ରୂପା ପାଉଁଜି,ବ୍ରେସଲେଟ,ଏଲସିଡି ଟିଭି, ଗ୍ରାଇଣ୍ଡର,୨ଟି ପିତଳ ଗରା, ଶାଢ଼ୀ ସହିତ ନଗଦ ୨୦ ହଜାର ଟଙ୍କା ନେଇ ଘର ପଛପାଖ କବାଟ ତାଲା ଭାଙ୍ଗି ଲୁଟି ନେଇଛନ୍ତି। ଡି ସ୍କାର୍ଡ ମାଧ୍ୟମରେ ପୋଲିସକୁ ଚୋରି ସୁରାକ ମିଳିଛି। ଖୁବଶୀଘ୍ର ଚୋର ଧରାହେବେ ଏବଂ ଚୋରି ଜିନିଷ ଜବତ ହେବ ବୋଲି ପୋଲିସ ଆଶା ରଖିଛନ୍ତି।

ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଘୁ .ଉଦୟଗିରି,୨୬।୧୧(ଆନିସ): ଭାରତୀୟ ମଜଦୁର ସଂଘ ପ୍ରତିବନ୍ଧିତ ଅଲ ଓଡ଼ିଶା ଅଙ୍ଗନଓ୍ୱାଡି ଲେଡ଼ିଜ ୱାର୍କସ ଆସୋସିଏସନ ପକ୍ଷରୁ ରାଜ୍ୟର ହଜାର ହଜାର ଅଙ୍ଗନଓ୍ୱାଡି କର୍ମୀ ଏବଂ ସହାୟିକା ଦୀର୍ଘ ବର୍ଷ ଧରି ଶିଶୁ ଓ ମହିଳା ମାନଙ୍କ ସେବା ନିଷ୍ଠା ଓ ଦାୟିତ୍ୱ ବୋଧର ସହ କରି ଆସୁଛନ୍ତି ଦୀର୍ଘ ଦିନ ହେବ ତାଙ୍କର ନ୍ୟାର୍ଯ୍ୟ ଦାବୀ ଗୁଡ଼ିକ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ଦାବୀ ଗୁଡ଼ିକ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସାରା ରାଜ୍ୟରେ ଗତ ୨୩ତାରିଖରୁ ୭ ଦଫା ଦାବୀ ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି ଅଙ୍ଗନବାଡି ଏବଂ ସହାୟକ କର୍ମୀ । ଏହିକ୍ରମରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମୁଖରେ ସଭାନେତ୍ରୀ ଯୋଛନା ନାୟକ, ସମ୍ପାଦିକା ପ୍ରମିଳା ପ୍ରଧାନ,ସହଯୋଗୀ ଶୁଭଶ୍ରୀ ଦଳବେହେରା, ସସ୍ମିତା ନାୟକ,ଦୀପିକା ରାଣୀ ପ୍ରଧାନ ପ୍ରମୁଖ ୭ ଦଫା ଦାବୀ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି । ଯାହାଫଳରେ ଅଙ୍ଗନବାଡି ରେ ଛୋଟ ଛୋଟ କୁନି ପିଲାଙ୍କ ଏବ

ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଭକ୍ତ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଖେଚୁଡ଼ି ବଣ୍ଟନ



ପୁରୀ, ୨୬।୧୧ (ଆନିସ): ଓଡିଶା ଡ୍ରାଇଭର ମହାସଂଘ ପୁରୀଜିଲ୍ଲା ସଭାପତି ପପୁ ମିଶ୍ରଙ୍କ ଅଧକ୍ଷତା ରେ ପୁରୀ ବେଳାଭୂମି ଦିଗବାରେଣୀ ଠାରେ ପଞ୍ଚକ ଏବଂ ଛାଡଖାଇରେ ସାତଦିନ ଧରି ହଜାର ହଜାର ଭକ୍ତଙ୍କୁ ମାଗଣା ଖେଁଚୁଡ଼ି ବଣ୍ଟନ କରାଯାଇଛି ଏହି କାର୍ଯ୍ୟକ୍ରମ କୁ ସଭାପତି ପପୁ ମିଶ୍ରଙ୍କ ସହିତ ଉପସଭାପତି ବାପି କୁମାର,ସମ୍ପାଦକ ସନ୍ତୋଷ ବେହେରା, ସହସମ୍ପାଦକ ଚନ୍ଦନ ମୁଖାର୍ଜୀ, କୋଷାଧକ୍ଷ ତପନ ସାହୁ, ଉପଦେଷ୍ଟା ଶିଶିର ସାହୁ ଏବଂ ପରିଚାଳନା ସଦସ୍ୟ ବିଶ୍ୱରଞ୍ଜନ ପରିଡ଼ାଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ

ମୟୂରଭଞ୍ଜରେ ଓଡ଼ିଶା ମାନବ ଅଧିକାର କମିଶନଙ୍କ କ୍ୟାମ୍ପ କୋର୍ଟ

୪୬ଟି ମାମଲାର ଶୁଣାଣି, ୨୦ଟିର ଫଇସଲା

ବାରିପଦା, ୨୬।୧୧ (ଆନିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ସହଯୋଗରେ ଓଡ଼ିଶା ମାନବ ଅଧିକାର କମିଶନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି । କମିଶନଙ୍କ ସଦସ୍ୟ ବିରଜା ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କ୍ୟାମ୍ପ କୋର୍ଟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ମାନବ ଅଧିକାର ସମ୍ପର୍କିତ ମୋଟ ୪୬ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ୨୦ଟି ମାମଲାର ଫଇସଲା କରାଯାଇଛି । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ହେମକାନ୍ତ ସୟ୍ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଞ୍ଜୁପଲ୍ଲୀ ଉପସ୍ଥିତ ରହିଥିଲେ



।

ଜିଲ୍ଲାସ୍ତରରେ ଅଭିଯୋଗକାରୀମାନଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ ସହ ମାନବ ଅଧିକାର ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ଓ ସମାଧାନ ସୁନିଶ୍ଚିତ କରିବା ଏହି କ୍ୟାମ୍ପ କୋର୍ଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ଉଭୟ ଜିଲ୍ଲାର ଅଭିଯୋଗକାରୀମାନେ ଉପସ୍ଥିତ ରହି ନିଜ ନିଜ ଅଭିଯୋଗ ଓ ପକ୍ଷ ଉପସ୍ଥାପନ କରିଥିଲେ । କ୍ୟାମ୍ପ କୋର୍ଟରେ ମୟୂରଭଞ୍ଜ ଜିଲ୍ଲାର ୨୫ଟି ଏବଂ ବାଲେଶ୍ୱର ଜିଲ୍ଲାର ୨୧ଟି ମାମଲାର ଶୁଣାଣି ହୋଇଥିଲା । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ମାମଲାଗୁଡ଼ିକର ତଥ୍ୟ ଓ ଉପଲବ୍ଧ ପ୍ରମାଣ ଆଧାରରେ ବିଚାର କରାଯାଇ ୨୦ଟି ମାମଲାର ଫଇସଲା କରାଯାଇଥିଲା । ଅବଶିଷ୍ଟ ମାମଲାଗୁଡ଼ିକରେ ଆବଶ୍ୟକ ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ ସମ୍ପୃକ୍ତ ପ୍ରଶାସନିକ ଓ ପୋଲିସ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ୟାମ୍ପ କୋର୍ଟ ଅତିରିକ୍ତ ଜିଲ୍ଲାପାଳ (ନ୍ୟାୟିକ) ଇଶ୍ୱର ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ସୁପରିଚାଳନାରେ ଡେପୁଟି କଲେକ୍ଟର (ନ୍ୟାୟିକ) ଦୀପାଞ୍ଜଳୀ ସିଂଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ସକ୍ରିୟ ଯୋଗଦାନ କରି କ୍ୟାମ୍ପ କୋର୍ଟ ଆୟୋଜନକୁ ସଫଳ କରିଥିଲେ ।

ଓଡିଶା ବ୍ରିଗେଡରେ ଆକର୍ଷଣୀୟ ବିଜ୍ଞାନମେଳା ପ୍ରଦର୍ଶନୀ

ବାରିପଦା / ସାରସକଣା,୨୬।୧୧ (ଆନିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ସୃଜନଶୀଳତା ଓ ବୈଜ୍ଞାନିକ ମନୋଭାବର ବିକାଶ ଉଦ୍ଦେଶ୍ୟରେ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ଝାରପୋଖରିଆ ଠାରେ ୨୫ ନଭେମ୍ବର ୨୦୨୬, ବୁଧବାର ଦିନ ଏକ ଆକର୍ଷଣୀୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ ଓ ଗାଇଡ୍ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସଂଗଠନ କମିଶନର ତଥା ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀ ଶରତ ଚନ୍ଦ୍ର ମହାନ୍ତ ଯୋଗଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଯୁକ୍ତ ହୃଷୀକେଶ ଜେନା, ସମ୍ପାଦକ ଶ୍ରୀଯୁକ୍ତ ସାଇକୃପା ଜେନା, ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ସେଠୀ, ପରିଚାଳନା କମିଟିର ସଦସ୍ୟା ଶ୍ରୀମତୀ ମିନତି ସେଠୀ ଏବଂ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାସ ଓ ଶ୍ରୀଯୁକ୍ତ ମଳୟ କୁମାର ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ଶରତ ଚନ୍ଦ୍ର ମହାନ୍ତ ଓ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ହୃଷୀକେଶ ଜେନାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶିକ୍ଷକ ଶ୍ରୀ ରାଜୀବ କୁମାର ମଲ୍ଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ୫୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ବର୍ଜ୍ୟବସ୍ତୁ ପୃଥକୀକରଣ, ଜଳ ବିଶୋଧନ, ସୌରଶକ୍ତି, ବର୍ଷାଜଳ ସଂରକ୍ଷଣ, ଜଳଚକ୍ର, ପବନ ଚକ୍କି, ମାନବ ହୃଦୟ, ସୌରମଣ୍ଡଳ, ସ୍ମାର୍ଟ ସିଟି, ଟ୍ରାଫିକ୍ ନିୟନ୍ତ୍ରଣ ଓ ଅନ୍ୟାନ୍ୟ ଆକର୍ଷଣୀୟ ମଡେଲ୍ ସ୍ଥାନ ପାଇଥିଲା। ପିଲାମାନେ ନିଜ ନିଜ ପ୍ରକଳ୍ପର କାର୍ଯ୍ୟପ୍ରଣାଳୀ ଓ ଉପଯୋଗିତାକୁ ଆତ୍ମବିଶ୍ୱାସର ସହ ବୁଝାଇଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ପ୍ରକଳ୍ପ ଗୁଡ଼ିକୁ ଅବଲୋକନ କରି ପିଲାମାନଙ୍କର ପ୍ରତିଭା ଓ ପ୍ରୟାସକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା, ଦଳଗତ କାର୍ଯ୍ୟ ଓ ବ୍ୟବହାରିକ ଜ୍ଞାନର ବିକାଶରେ ସହାୟକ ହୋଇଥିଲା। ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗ ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

।। ଦାଦନର କରୁଣ ଚିତ୍ର ।।

ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ନଥିବାରୁ ପତ୍ନୀଙ୍କୁ ମିଳୁନି ସରକାରୀ ସହାୟତା



(୫୦) ଗତ ଫେବୃଆରୀ ୨୨ ତାରିଖରେ ପରିବାର ସହ ଦାଦନ ଶ୍ରମିକ ଭାବେ ତେଲେଙ୍ଗାନା ରାଜ୍ୟର ମୁଥୁଲୁଙ୍କୁ ଜିଲ୍ଲା ବନ୍ଦ୍ରପଲ୍ଲୀ ନିକଟସ୍ଥ ଜେଏଚ୍ଏନ୍ ଇଟାଭାଟିକୁ କାମ କରିବାକୁ ଯାଇଥିଲେ । ସେଠାରେ ଇଟାଭାଟି ମାଲିକଙ୍କ ନିର୍ଦ୍ଦେଶରେ କାମ କରୁଥିବା ସମୟରେ ଦିନେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ସ୍ଥାନୀୟ ପୁଲିସ ଶବ ଜବତ କରି ପଞ୍ଚନାମା କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ସେଠାରେ ଶବଦାହ ସାରି ପରିବାର ଲୋକେ ଭିଟାମାଟିକୁ ଫେରିଥିଲେ । ତେବେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ଜୀବନରେ ଘୋଟି ଆସିଛି ଘନ ଅନ୍ଧକାର । ନାଁ ଅଛି ରୋଜଗାରର କୌଣସି ପଛା, ନା ଅଛି ମୁଣ୍ଡ ଗୁଞ୍ଜିବାକୁ ନିଜର ଆଶ୍ରୟସ୍ଥଳ । ବର୍ତ୍ତମାନ ସେ କୁଲିହାମୁଣ୍ଡା ସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରେ ୯ ମାସର ଶିଶୁପୁତ୍ର ସହ ଆଶ୍ରୟ ନେଇ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ସବୁଠାରୁ ପରିତାପର ବିଷୟ ହେଉଛି, ସ୍ୱାମୀଙ୍କ ମୃତ୍ୟୁକୁ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମୃତ୍ୟୁ ପ୍ରମାଣପତ୍ର ମିଳିପାରିନାହିଁ । ତେଲେଙ୍ଗାନାରେ ମୃତ୍ୟୁ ଘଟିବା ସହ ସେଠାରେ ଶବଦାହ ହୋଇଥିବାରୁ ଆବଶ୍ୟକ ପଞ୍ଜୀକରଣ କାଗଜପତ୍ର ଅଭାବରେ ପ୍ରମାଣପତ୍ର ମିଳିବାରେ ବାଧା ସୃଷ୍ଟି ହୋଇଛି । ଫଳରେ ବିଧବା ଭତ୍ତା ସମେତ ଅନ୍ୟାନ୍ୟ ସରକାରୀ ସହାୟତା ପାଇଁ ଆବେଦନ କରିବା ମଧ୍ୟ ସମ୍ଭବ ହୋଇପାରୁନାହିଁ । ଦାଦନ ଶ୍ରମିକଙ୍କ ସୁରକ୍ଷା ଏବଂ ସେମାନଙ୍କ ପରିବାରର ଥଇଥାନ ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବା ଡିମି ଡିମି ପିଟାଯାଉଛି । ମାତ୍ର ଜଣେ ମୃତ ଶ୍ରମିକଙ୍କ ସ୍ତ୍ରୀ ଓ ନିଷ୍ପାପ ଶିଶୁକୁ କାହିଁକି ଭିକ୍ଷାବୃତ୍ତି କରି ପେଟ ପୋଷିବାକୁ ପଡୁଛି, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ମୃତ୍ୟୁ ପ୍ରମାଣପତ୍ର ଯୋଗାଇ ଦେବା ସହ ବିଧବା ଭତ୍ତା, ରାସନ କାର୍ଡ, ଶିଶୁର ଯତ୍ନ ଓ ଥଇଥାନ ପାଇଁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବାକୁ ସଚେତନ ମହଲରେ ଦାବି ଜୋର ଧରିଛି ।

ବାତ୍ୟା ଆଶ୍ରୟସ୍ଥଳୀ ଗେଟ୍ ଦେଇ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ, ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ

ରଣପୁର , ୨୬/୧୧ (ଆନିସ): ସରକାରୀ ଅର୍ଥରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଲକ୍ଷ. ଲକ୍ଷ୍ୟ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଦୀର୍ଘ ୩ ବର୍ଷ ଧରି ବିଦ୍ୟାଳୟର ମୁଖ୍ୟ ଗେଟ୍ ବନ୍ଦ ରହିଥିବା ଘଟଣା ଏବେ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ଼ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ।ସୂଚନା ଅନୁଯାୟୀ, ବିଦ୍ୟାଳୟର ନିଜସ୍ୱ ମୁଖ୍ୟ ଗେଟ୍ ଥିଲେ ମଧ୍ୟ ତାହା ଦୀର୍ଘଦିନ ଧରି ବନ୍ଦ ରହିଛି। ଫଳରେ ପ୍ରତିଦିନ ଛାତ୍ରଛାତ୍ରୀମାନେ ବାତ୍ୟା ଆଶ୍ରୟସ୍ଥଳୀର ଗେଟ୍ ଦେଇ ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ଏହାଦ୍ୱାରା ସେମାନଙ୍କୁ ଅଯଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଥିବାବେଳେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କାର୍ଯ୍ୟଂର ଉପଯୋଗିତାକୁ ନେଇ ପ୍ରଶ୍ନ ଉଠିଛି।ବିଦ୍ୟାଳୟର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ମୁଖ୍ୟ ପ୍ରବେଶ ପଥ



କାହିଁକି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ, ନିର୍ମାଣ ସମୟରେ ଏହି ସମସ୍ୟା କାହିଁକି ସମାଧାନ କରାଗଲା ନାହିଁ ଏବଂ କାର୍ଯ୍ୟ ସମାପ୍ତ ପରେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କ'ଣ କରୁଥିଲେ, ତାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ଭିତ୍ତିଭୂମି ଯଦି ଛାତ୍ରଛାତ୍ରୀଙ୍କ କାମରେ ନ ଆସେ, ତେବେ ଏଭଳି ବିକାଶର ଉଦ୍ଦେଶ୍ୟ କ'ଣ ବୋଲି ଶିକ୍ଷାପ୍ରେମୀ ମହଲରେ ଆଲୋଚନା ହେଉଛି। ତେଣୁ ସମ୍ପୃକ୍ତ ଶିକ୍ଷା ବିଭାଗ ଓ ପ୍ରଶାସନ ଘଟଣାର ତଦନ୍ତ କରି ବନ୍ଦ ରହିଥିବା ମୁଖ୍ୟ ଗେଟ୍ ଖୋଲିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ

୪ ଯୁବ ପ୍ରତିଭା ରାଜ୍ୟସ୍ତରକୁ ମନୋନୀତ


ପୁରୀ ୨୬/୧୧(ଆନିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ ଏବଂ ପୁରୀ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬' ବା ଯୁବ ନେତୃତ୍ୱ ସମ୍ବାଦ ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ୪ ଜଣ ଯୁବ ପ୍ରତିଭା ରାଜ୍ୟସ୍ତରୀୟ ପର୍ଯ୍ୟାୟ ପାଇଁ ମନୋନୀତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ସୃଜନଶୀଳ ଚିନ୍ତାଧାରା, ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଯୋଗଦାନକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଆୟୋଜିତ



ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାର ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ନିଜର ସୃଜନଶୀଳ ଚିନ୍ତାଧାରା, ଉପସ୍ଥାପନା ଶୈଳୀ ଓ ନେତୃତ୍ୱ ଦକ୍ଷତାର ପରିଚୟ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଯୁବ ପ୍ରତିଭା ଯଥା ସଦର ବ୍ଲକ ର ଆୟୁଶ୍ରୀ ପ୍ରଧାନ ଓ ଅଭିଲିପ୍ସା ଫତେସିଂ, ନିମାପଡ଼ା ବ୍ଲକ ର ସଞ୍ଚରିତା ସେନାପତି ଓ ଗୋପ ବ୍ଲକ ର ଇତିକା ପ୍ରିୟଦର୍ଶିନୀ ସାହୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନୋନୀତ ଯୁବ ପ୍ରତିଭାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ର ଗୌରବ ବୃଦ୍ଧି ପାଇଁ ଉତ୍ତମ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।ବିଚାରକ ଭାବେ ଡିଆଇସି ର ଜିଏମ ମାନସ ରଞ୍ଜନ ବାରିକ, ହିମାଂଶୁ ଭୂଷଣ ନନ୍ଦ, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉପଯୁକ୍ତ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମ କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା କାର୍ଯ୍ୟାଳୟ ର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

୭୭ତମ ସମ୍ବିଧାନ ଦିବସରେ ଶପଥ ପାଠ

ଓଡ଼ଗାଁ ୨୬/୧୧(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ବିଡିଓ ପ୍ରିତିବାଳା ରଣାଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ମାନେ ଆଜି ଗୁରୁବାର ନଭେମ୍ବର ମାସ ୨୬ ତାରିଖରେ ୭୭ତମ ସମ୍ବିଧାନ ଦିବସ ପାଳନ ଅବସରରେ ମିଳିତଭାବେ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରି ଭାରତ ଭଳି ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ଏକତା ଅଖଣ୍ଡତା ପ୍ରତି ନିଷ୍ଠା ଏବଂ ଶ୍ରଦ୍ଧାର ସହିତ ଶତତ ଜାଗ୍ରତ ରହିବୁ। ବ୍ୟକ୍ତିର ମୌଳିକ ଅଧିକାର, ସ୍ୱାଧୀନତା,ସମାନତା,ନ୍ୟାୟ ଓ ଭାତୃତ୍ୱ ବନ୍ଧନରେ ଶାନ୍ତି, ମୈତ୍ରୀ, ପ୍ରିତୀକୁ ଅକ୍ଷୁର୍ଣ୍ଣ ରଖିବୁ ବୋଲି ଶପଥ ପାଠ କରିଥିଲେ। ସୂଚନା ଥାଉକି ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା।ଏବଂ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଗଲା।ସେବେଠାରୁ ଜାନୁୟାରୀ ୨୬ ତାରିଖକୁ



ଗଣତାନ୍ତ୍ରିକ ଦିବସ ରୂପେ ପାଳନ କରାଯାଏ।ଭାରତ ସରକାର ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୫ ମସିହାରେ (ଡକ୍ଟର ବି.ଆର. ଆମ୍ବେଦକରଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ) ନଭେମ୍ବର ୨୬କୁ ଆନୁଷ୍ଠାନିକ ଭାବରେ ସମ୍ବିଧାନ ଦିବସ ଭାବରେ ଘୋଷଣା କରିଥିଲେ।ସେବେଠାରୁ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି।

ନାଟକ ଚାଲିଥିଲା ବେଳେ ଜାତିଆଣ ଆକ୍ଷେପକୁ ନେଇ ଗୋଷ୍ଠୀ ସଂଘର୍ଷ, ଜଣେ ମୃତ ୨୦ରୁ ଊର୍ଦ୍ଧ୍ୱ ଆହତ

୨୮ ଜଣ ଥାନାରେ ଅଟକ

ନୟାଗଡ, ୨୬/୧୧: କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ନୟାଗଡ ଜିଲ୍ଲା ନୂଆଗାଁ ଥାନା ଆଡିପଡା ଗାଁରେ ରାମ ନାଟକ ଚାଲିଥିଲା ବେଳେ ଜାତିଆଣ ଆକ୍ଷେପ ଏବଂ ମନା କରିବା ପରେ ଜୋର ଜବରଦସ୍ତ ପରିସ୍ରା କରିବାକୁ ନେଇ ରକ୍ତାତ ସଂଘର୍ଷ, ଜଣେ ମୃତ ୨୦ରୁ ଊର୍ଦ୍ଧ୍ୱ ଆହତ ହେବା ସହିତ ୨୮ ଜଣ ଥାନାରେ ଅଟକ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ଅଭିଯୋଗ ଅନୁଯାଇ ଅଡ଼ିପଡ଼ା ଗାଁରେ ପୂର୍ବରୁ ଏକ କୋଠ ଘରକୁ ନେଇ ଦୁଇ ସାହିର ସବର୍ଣ୍ଣ ଓ ଅସବର୍ଣ୍ଣ ଜାତିଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା କାର୍ତିକ ପୂର୍ଣ୍ଣମୀ ହୋଇଥିବାରୁ ଗାଁରେ ରାମ ନାଟକ ଚାଲିଥିଲା, ସମସ୍ତ ଉପଭୋଗ କରୁଥିଲେ, ନାଟକ ପରିବେଷଣ ସମୟରେ ଜାତିଆଣ ଆକ୍ଷେପ ଏବଂ ପରିସ୍ରା କରିବାକୁ ନେଇ ୨ ଗୋଷ୍ଠିଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାଡ଼ ପିଟି ହୋଇଥିଲେ। ଠେଙ୍ଗା ଓ ଢେଲା ପଥର ମାଡ଼ ହୋଇଥିଲା। ୨ ଗୋଷ୍ଠିଙ୍କ ମଧ୍ୟରେ ମାରଣାସ୍ତ୍ରରେ ଆକ୍ରମଣ ଫଳରେ ମନୁ ବାରିକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗାଁର ୨୦ରୁ ଊର୍ଦ୍ଧ୍ୱ